## ସଂକ୍ଷେପରେ

### ଜିଲା ବ୍ରାହ୍ମଣ ମହାସଭାର ବୈଠକ

**ବଲାଙ୍ଗୀର,୭।୧୧(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଶ୍ରୀ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଜିଲା ବ୍ରାହ୍ମଣ ମହାସଭା ସଭାପତି ଧନଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ମହାସଭାର କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ଧର୍ମସିଂହ ମିଶ୍ର, ଗିରିଧାରୀ ଶତପଥୀ, ଗୋପବନ୍ଧୁ ପୁରୋହିତ, ଉପସଭାପତି ବିଶ୍ୱନାଥ ମିଶ୍ର, କୋଷାଧ୍ୟକ୍ଷ ପଞ୍ଚାନନ ବେଦବାକ୍, କାର୍ଯ୍ୟନିର୍ବାହୀ ସଦସ୍ୟ କେଶବ ଚନ୍ଦ୍ର ମିଶ୍ର, ବାଳକୃଷ୍ଣ ଷଡଙ୍ଗୀ, ଲକ୍ଷ୍ମୀ ପ୍ରସାଦ ଚାନ୍ଦ, ପ୍ରଭୁଦତ୍ତ ଶତପଥୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଆସନ୍ତା ଡିସେମ୍ବର ୩ ତାରିଖ ଦିନ ନୃସିଂହ ମନ୍ଦିର ପରିସରରେ ଶ୍ରୀମଦ ଗୀତା ଜୟନ୍ତୀ ପାଳନ ତଥା ଗୀତାଯଜ୍ଞ କରାଯିବା ଲାଗି ସ୍ଥିର ହୋଇଥିଲା। ଆସନ୍ତା ୯ ତାରିଖ ଦିନ ପୁରୀ ଠାରେ ଅଖିଳ ଓଡିଶା ବ୍ରାହ୍ମଣ ମହାସଂଘର ତ୍ରୈମାସିକ ବୈଠକରେ ଯୋଗଦେବା, ମହାସଭାର ସଦସ୍ୟତା ବୃଦ୍ଧି, ବିଗତ ଦିନରେ ମହାସଭାର ଆୟ ଏବଂ ବ୍ୟୟ ଅନୁମୋଦନ, ବିଭିନ୍ନ ଆଧାତ୍ମିକ ଅନୁଷ୍ଠାନରେ ଯୋଗଦାନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଶେଷରେ ସମ୍ପାଦକ ଶ୍ୟାମ ସୁନ୍ଦର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁଙ୍କ ପ୍ରତିଭା ବିକାଶ ଉପରେ ଗୁରୁତ୍ୱାରୋପ

**ବଲାଙ୍ଗୀର,୭।୧୧(ବୀରେନ୍ଦ୍ର କୁମାର ଝାଙ୍କର)**


ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।

**ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ**

**ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋଇସିଂହା ବ୍ଲକ ପ୍ରଥମ**

ବଲାଙ୍ଗୀର ପିଏମଶ୍ରୀ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ସକାଳେ ସୁରଭି କାର୍ଯ୍ୟକ୍ରମକୁ ଉପଜିଲାପାଳ ଆଲୋକ କୁମାର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଏଡିଇଓ ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ପ୍ରବୀର ପଣ୍ଡା, ସଦର ବ୍ଲକ ବିଇଓ ନୀଳମଣି ପଟେଲ, ପିଆର ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀ ମଞ୍ଚାସୀନ ଥିଲେ। ସରକାରୀ ଟାଉନ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟଅତିଥି ପଟେଲ ତାଙ୍କ ବକ୍ତବ୍ୟରେ ଶିଶୁମାନଙ୍କ ଭିତରେ ଯେଉଁ ଅନ୍ତର୍ନିହିତ ପ୍ରତିଭା ରହିଛି ତାକୁ ଉଜ୍ଜୀବିତ କରିବାରେ ସୁରଭି ଏକ ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ।

ଜୁନିଅର, ସିନିଅର ଓ ସୁପର ସିନିଅର ଏପରି ୩ଟି ବର୍ଗରେ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରବନ୍ଧ, ବକ୍ତୃତା, ତର୍କ, କୁଇଜ, ସୃଜନଶୀଳ ଲିଖନ, ସଙ୍ଗୀତ, ସୁନ୍ଦର ହସ୍ତାକ୍ଷର, ଶିଳ୍ପକଳା ଓ ଚିତ୍ରକଳା, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅପରାହ୍ଣରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ପବିତ୍ର କୁମାର ବେହେରା ଯୋଗଦେଇ ଶିଶୁମାନଙ୍କ ପ୍ରତିଭା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ସରୋଜ ନାୟକ, ନାରାୟଣ ମିଶ୍ର, ଅଳକା ଦାଶ ଓ ଶୈଳେନ୍ଦ୍ରୀ ପରିଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋଇସିଂହା ବ୍ଲକ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ପୁରସ୍କୃତ କରାଯାଇଥିଲା । ଏଥିସହ ଶିକ୍ଷକ ଦେବକାନ୍ତ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ, ସିଆରସିସି, ବିଆରସିସି, ସ୍ଥାନୀୟ ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଓ ସାଂସ୍କୃତିକ ଦଳ ଭୁବନେଶ୍ୱର ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ଦିଆଯାଇଥିଲା।

# ନୂଆ ସ୍କୁଟି ଦେଇ ଘଟଣାକୁ ରଫାଦଫା

**ଲାଠୋର,୭।୧୧(ଭୁବନେଶ୍ୱର ବାରିକ)**

**ସ୍କୁଟିକୁ ଧକ୍କା ଦେଲା ମାଲ ବୋଝେଇ ଟ୍ରକ୍**

ବଲାଙ୍ଗୀର ଜିଲା ଲାଠୋର ଥାନା ସଦର ଗ୍ରାମର ବନ୍ଧିଆ ଯୋର(ପୋଲ) ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ମାଲ ବୋଝେଇ ଟ୍ରକ ଗୋଟିଏ ସ୍କୁଟିକୁ ଧକ୍କା ଦେଇଥିଲେ ହେଁ ପରେ ଘଟଣାକୁ ରଫାଦଫା କରି ଦିଆଯାଇଥିବା ଜଣାପଡିଛି । ପ୍ରକାଶ ଯେ, କଣ୍ଟାବାଞ୍ଜିର ଏକ ମାଲ ବୋଝେଇ ଟ୍ରକ ରାୟପୁର ପଟୁ କଣ୍ଟାବାଞ୍ଜି ଯାଉଥିଲା । ଲାଠୋର ବନ୍ଧିଆ ଯୋର ନିକଟରେ ହଠାତ୍ ଟ୍ରକର ଷ୍ଟିୟରିଂ ଛିଣ୍ଡି ଯିବାରୁ ଡ୍ରାଇଭର ଭାରସାମ୍ୟ ହରାଇ ନିକଟରେ ଛିଡ଼ା ହୋଇଥିବା ଏକ ସ୍କୁଟିକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ କୌଣସି ଜୀବନ ହାନି ହୋଇ ନଥିଲେ ମଧ ସ୍କୁଟି ଭାଙ୍ଗି ଯାଇଥିଲା । ସ୍କୁଟି ମାଲିକ ନୂଆ ସ୍କୁଟି ଦାବି କରିବାରୁ ନୂଆ ସ୍କୁଟି ଦେଇ ଟ୍ରକ ମାଲିକ ଟ୍ରକକୁ ନେଇ ଯାଇଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ ମଧ କୌଣସି ପ୍ରକାର କେସ କରାଯାଇ ନାହିଁ । ଚଳିତବର୍ଷ ଗଣେଶ ପୂଜା ପୂର୍ବ ଦିନ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କିରାଣିଙ୍କୁ ବନ୍ଧିଆ ଯୋର ନିକଟରେ ଏକ ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ପୁଣି ଦୁଇ ମାସ ପରେ ସେହି ସ୍ଥାନରେ ଏହି ଦୁର୍ଘଟଣା ଘଟିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, କେତେକ ମାଲ ବୋଝେଇ ଟ୍ରକ ପ୍ରତିଦିନ ରାୟପୁରରୁ ଲାଠୋର ଦେଇ କଣ୍ଟାବାଞ୍ଜିକୁ ଯିବା ଆସିବା କରୁଛି । ହେଲେ ସେହି ଟ୍ରକଗୁଡ଼ିକର କାଗଜପତ୍ର ଠିକ ଅଛି କି ନାହିଁ । ଫିଟନେସ ଅଛି କି ନାହିଁ ତାର ତଦାରଖ ହେଉନାହିଁ । କଡାକଡି ଭାବେ ଏହାର ଚେକିଂ ନକଲେ ଆଗାମୀ ଦିନରେ ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି । ଏନେଇ ଲାଠୋର ଥାନା ଅଧିକାରୀ ରମାକାନ୍ତ ସାହୁଙ୍କୁ ପଚାରିବାରେ ଗୁରୁବାର ଦୁର୍ଘଟଣାକୁ ନେଇ କୌଣସି ପ୍ରକାର କେସ ହୋଇନାହିଁ । ଆଗାମୀ ଦିନରେ ଯାଞ୍ଚ କଡାକଡି ହେବ ବୋଲି ସେ କହିଥିଲେ ।

### 'ବନ୍ଦେ ମାତରମ୍'ର ୧୫୦ବର୍ଷ ପୂର୍ତ୍ତି ଉତ୍ସବ

**କଣ୍ଟାବାଞ୍ଜି,୭।୧୧(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତଙ୍କ ପୌରୋହିତ୍ୟରେ ଶୁକ୍ରବାର ଦିନ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ରହି ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ସାମୁହିକ ଭାବରେ ବନ୍ଦେ ମାତରମ ଗାନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ପୁରୋହିତ ବନ୍ଦେ ମାତରମ୍ର ଇତିହାସ ବିଷୟରେ କହିଥିଲେ। ବନ୍ଦେ ମାତରମ୍ ଶବ୍ଦକୁ ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନେ ଠିକ ଭାବେ ପ୍ରୟୋଗ କରି ଜନ ମାନସରେ ଜାତୀୟତାବାଦର ଅପୂର୍ବ ବିଚାର ଭରି ଦେଇଥିଲେ। ଯାହା ପରବର୍ତ୍ତୀ ସମୟରେ ଭାରତକୁ ସ୍ୱାଧୀନତା ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା ବୋଲି ଅଧ୍ୟକ୍ଷ ପୁରୋହିତ କହିଥିଲେ ।

# ଭାରତୀୟ ହକିର ୧୦୦ ତମ ଗୌରବମୟ ବର୍ଷ ପୂର୍ତ୍ତି ପାଳନ


ହକି ପ୍ରଦର୍ଶନୀ ମ୍ୟାଚରେ ଖେଳାଳିଙ୍କ ସହ ଅତିଥି।

**ବଲାଙ୍ଗୀର,୭।୧୧(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସରକାରୀ ଟାଉନ ହାଇସ୍କୁଲ ପଡ଼ିଆଠାରେ ଜିଲା ପ୍ରଶାସନ ଏବଂ ଜିଲା ହକି ପରିଷଦ ପକ୍ଷରୁ ଭାରତୀୟ ହକିର ୧୦୦ ତମ ଗୌରବମୟ ବର୍ଷ ପୂର୍ତ୍ତି ପାଳନ କରାଯାଇଥିଲା। ଏହି ଅବସରରେ ଶୁକ୍ରବାର ପୁରୁଷ ଏବଂ ମହିଳା ପ୍ରଦର୍ଶନୀ ହକି ମ୍ୟାଚ ଆୟୋଜନ କରାଯାଇଥିଲା। ପୁରୁଷ ବର୍ଗରେ କ୍ରୀଡ଼ା ଛାତ୍ରାବାସ ବଲାଙ୍ଗୀର ଦଳ ୧-୦ ଗୋଲରେ ପୃଥ୍ୱୀରାଜ ହାଇସ୍କୁଲ ବଲାଙ୍ଗୀରକୁ ପରାସ୍ତ କରି ବିଜୟୀ ହୋଇଥିଲା। ମହିଳା ବର୍ଗରେ ଅଙ୍କରିଆପଦର ଉଚ୍ଚ ବିଦ୍ୟାଳୟ ଦଳ ୧-୦ ଗୋଲରେ ସରକାରୀ ବାଳିକା ବିଦ୍ୟାଳୟ ବଲାଙ୍ଗୀର ଦଳକୁ ପରାସ୍ତ କରିଥିଲା। ଏହି ଅବସରରେ ବଲାଙ୍ଗୀର ଉପଜିଲାପାଳ ଆଲୋକ କୁମାର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ହକି ଖେଳାଳିମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ଅଧିକାରୀ ସତ୍ୟ ପ୍ରକାଶ ମିଞ୍ଜ, କ୍ରୀଡ଼ା ସଙ୍ଗଠକ ସୁମିତ୍ ରଞ୍ଜନ ପୁରୋହିତ ଯୋଗଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ବୈକୁଣ୍ଠ ଜେନା, ରଞ୍ଜିତ ବେହେରା, ସୌରଭ ପ୍ରଧାନ, ପ୍ରଣତି ପାଣିଗ୍ରାହୀ, ଆରତି ସାହୁ ଖେଳ ପରିଚାଳନା କରିଥିଲେ। ଏଥିରେ ଟାଉନ ହାଇସ୍କୁଲ ଏବଂ କ୍ରୀଡ଼ା ଛାତ୍ରାବାସର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କ୍ରୀଡ଼ା ଛାତ୍ରାବାସ ଅଧୀକ୍ଷକ ପରାଶର ବାଗ ପରିଚାଳନା କରିଥିଲେ।

### ବନ୍ଦେ ମାତରମ୍ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ

**ଲୋଇସିଂହା,୭।୧୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ କଲେଜରେ ଶୁକ୍ରବାର ବନ୍ଦେ ମାତରମ୍ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ଓଡିଶା ସରକାର ଓ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଉତ୍ସବରେ କଲେଜ ଅଧ୍ୟକ୍ଷ ଡ.ପ୍ରଦୀପ କୁମାର ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ । ସଭା ପ୍ରାରମ୍ଭରେ କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସମବେତ ହୋଇ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରିଥିଲେ।ଅଧ୍ୟାପକ ଡ.ଅନ୍ତର୍ଯ୍ୟାମୀ ନାୟକ, ଡ.ସୁବିଜ୍ଞ ଗଡତ୍ୟା, ଶାନ୍ତନୁ ପାଢୀ, ବୁଦ୍ଧଦେବ ପଣ୍ଡା, ଛାତ୍ରୀ ଆକାଂକ୍ଷା ନାୟକ, ଛାତ୍ର ବନ୍ତ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, କବିତା ଲିଖନ, ଚିତ୍ରାଙ୍କନ, କୁଇଜ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡ.ଲିଙ୍ଗରାଜ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦୈତାରି ଶବର, ନୀଳାମ୍ବର ବାରି ଓ ମାନଓ କୁମାର ସହଯୋଗ କରିଥିଲେ ।

# ଲାୟନ୍ସ କ୍ଲବର ଦିୱାଲି ମିଳନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମ ଅବସରରେ ଯୋଗଦେଇଥିବା ଅତିଥି।

**ଟିଟିଲାଗଡ,୭।୧୧(ଶରତ ମିଶ୍ର)**

ଟିଟିଲାଗଡ ଲାୟନ୍ସ କ୍ଲବ ତରଫରୁ ଚାର୍ଟର ନାଇଟ ଓ ଦିୱାଲି ମିଳନ କାର୍ଯ୍ୟକ୍ରମ ସଭାପତି ସଞ୍ଜୟ ସୋନିଙ୍କ ସଭାପତିତ୍ୱରେ ସ୍ଥାନୀୟ ଗୋବିନ୍ଦ ବାଟିକାଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଲାୟନ୍ସ ଡିଷ୍ଟ୍ରିକ୍ଟ ୩୨୨ ସି ୨ର ଗଭର୍ଣ୍ଣର ଲାୟନ ମମତା ଗୌତମ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଭିଡିଜି ୱାନ ଚରନ ଜୀ କୋର୍ ହୁରରା, ଭିଡ଼ିଜି ଟୁ ଦୁର୍ଗେସ ନନ୍ଦିନୀ, କ୍ୟାବିନେଟ ସେକ୍ରେଟାରୀ ରାଧିକା ଗୌତମ, ପୂର୍ବତନ ଡିଜି ଯମୁନା ପ୍ରସାଦ ଗୋଏଲ, ରିଜିଓନାଲ ଚେୟାରପର୍ସନ ରୋହିତ ଅଗ୍ରୱାଲ , କ୍ଲବ ସମ୍ପାଦକ ପଙ୍କଜ ନାମଦେବ, କୋଷାଧ୍ୟକ୍ଷ ବିନୟ ଜୈନ, ଲିଓ କ୍ଲବ ସଭାପତି ପ୍ରତ୍ୟୁଷ ସାହୁ, ସମ୍ପାଦକ ରୋଶନ ଖମାରୀ ଏବଂ ଟିଟିଲାଗଡ଼ କ୍ଲବର ସଭାପତି ସଞ୍ଜୟ ସୋନି ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଶୈଳେଶ ଗୋଏଲ। ଏହି ଅବସରରେ କ୍ଲବର ଚାର୍ଟର ସଦସ୍ୟ ଈଶ୍ୱର ଜୈନ, ଡ. ଏଲ.ଡି.ଶର୍ମା, ଗୋପାଳ ଲାଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବେଲପଡ଼ା କଲେଜରେ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

**ବେଲପଡା,୭।୧୧(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟଠାରେ ବନ୍ଦେ ମାତରମ କାର୍ଯ୍ୟକ୍ରମ ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର କାର୍ଯ୍ୟବାହୀ ଅଧ୍ୟକ୍ଷ ତନ୍ମୟ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅଧ୍ୟାପକ ଦୁର୍ବାଦଲ ଘିଭେଲା ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଡା.ଗଙ୍ଗାଧର ବେହେରା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରମୋଦ କୁମାର ବରିହା ଓ ବ୍ରଜମୋହନ ମେହେର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ବନ୍ଦେ ମାତରମ ଗାନ କରାଯିବା ସହ ଭାରତର ଏକତା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ଶପଥ ପାଠ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ରମାକାନ୍ତ ପୁଟେଲ ସଂଯୋଜନା କରିଥିବା ବେଳେ ବ୍ରଜମୋହନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ଛାତ୍ରୀଛାତ୍ର ,ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

**ବେଲପଡା,୭।୧୧(ମନୋଜ କୁମାର ମିଶ୍ର)**

**କାନୁଟ ଗ୍ରାମ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି**



ଦାବିପତ୍ର ଦେବା ପାଇଁ ଚାଷୀମାନେ ତହସିଲ କାର୍ଯ୍ୟାଳୟକୁ ଆସିଛନ୍ତି।

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ କାନୁଟ ଗ୍ରାମ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି ନେଇ ଚାଷୀମାନେ ଶୁକ୍ରବାର ଦିନ ତହସିଲ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀମାନେ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ହଲଧର ନିଆଲଙ୍କୁ ଦାବିପତ୍ର ଦେଇଥିଲେ। ଦାବିକୁ ସରକାରକୁ ଜଣାଇବେ ବୋଲି ଏହି ଅବସରରେ ଅତିରିକ୍ତ ତହସିଲଦାର ନିଆଲ କହିଥିଲେ । ଚଳିତବର୍ଷ କାନୁଟ ଗ୍ରାମପଞ୍ଚାୟତର କାନୁଟ, ତଆଁଳା, ମୁରିବାହାଲ, ସୁଆବାହାଲ ଓ ଭୁଟୁଙ୍ଗପଡା ଗ୍ରାମର ଚାଷୀମାନେ ମରୁଡ଼ି ପରିସ୍ଥିତି ଯୋଗୁ ପ୍ରଭାବିତ ହୋଇଥିବା କହିଛନ୍ତି। ଜୁନ ମାସରେ ଭଲ ବର୍ଷା ହେବା ପରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ନିଅଣ୍ଟିଆ ବର୍ଷା ଯୋଗୁ ଧାନ ରୋଇ ପାରି ନ ଥିଲେ। ଶେଷରେ ଜମି ପଡିଆ ପଡିବା ସହ କିଛି ଚାଷ ଜମି ପାଣି ଅଭାବାରୁ ଫାଟି ଆଁ କରିଥିଲା। ଫଳରେ ଅଞ୍ଚଳରେ ଧାନ ଚାଷ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦେଇ ଦାବି ପୂରଣ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ନିବେଦନ କରିଛନ୍ତି। ସେହିପରି ଉକ୍ତ ଚାଷୀମାନେ ବେଲପଡା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ମଧ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ମହାପାତ୍ର, ଯୁଗଳ କିଶୋର ମେହେର, ବଳରାମ ବୈକାର, ପ୍ରକାଶ ସାହୁ, ପ୍ରେମାନନ୍ଦ ସାହୁ, ଲୁକେଶ ମେହେର, ବିଭୁତି ସାହୁ, ଶିଶୁପାଳ ସାହୁ, ବିଭୀଷଣ ପୂଝାରୀ, କୁଳ ପୂଝାରୀ,ସତୁ ନାଏକ ପ୍ରମୁଖ ସାମିଲ ଥିଲେ।

# ଇନ୍ଦ୍ରାକ୍ଷୀ, ଲକ୍ଷ୍ମୀପ୍ରିୟା ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାକୁ ମନୋନୀତ


ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ଦୁଇ ପ୍ରତିଯୋଗୀ।

**ଲୋଇସିଂହା,୭।୧୧(ସୁଶାନ୍ତ ବାରିକ)**

ଶୁକ୍ରବାର ବଲାଙ୍ଗୀର ପୃଥୀରାଜ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋଇସିଂହା ବ୍ଲକସ୍ତରରୁ ମନୋନୀତ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟର ୮ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସଫଳତା ଲାଭ କରିଛନ୍ତି । ୫ଜଣ ପ୍ରତିଯୋଗୀ ପୁରସ୍କୃତ ହୋଇଥିବା ବେଳେ ୨ ଜଣ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ପ୍ରତିଯୋଗୀଙ୍କ ମଧ୍ୟରେ ଜଣେ ଯୁକ୍ତ ୨ ଛାତ୍ର , ଜଣେ ସପ୍ତମ ଶ୍ରେଣୀ ଛାତ୍ର(ଜୁନିଅର ବର୍ଗ) ଓ ୬ ଜଣ ସିନିୟର ବର୍ଗର ଛାତ୍ରୀଛାତ୍ର ରହିଛନ୍ତି। ୮ ଜଣ ଙ୍କ ପ୍ରତିଯୋଗୀଙ୍କ ମଧ୍ୟରୁ ୫ ଜଣ ପୁରସ୍କୃତ ହୋଇଛନ୍ତି। ସିନିୟର ବର୍ଗର ୨ ଜଣ ଛାତ୍ରୀ ଇନ୍ଦ୍ରାକ୍ଷୀ ସରାଫ ସଙ୍ଗୀତ ଓ ଲକ୍ଷ୍ମୀପ୍ରିୟା ସାହୁ କ୍ରିଏଟିଭ ରାଇଟିଂରେ ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତାକୁ ନେଇ ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋର୍ତିମୟୀ ପଧାନ ଶୁଭେଚ୍ଛା ଜଣାଇଛନ୍ତି।

केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଅଡଶପୁର ଶାଖା** (୧)**ଶ୍ରୀମତୀ ମିଳି ସ୍ୱାଇଁ (ଋଣଗ୍ରହୀତା ଏବଂ ବନ୍ଧକଦାତା)**, ସ୍ୱା: ଶ୍ରୀ କୈଳାଶ ସ୍ୱାଇଁ, (୨)**ଶ୍ରୀ କୈଳାଶ ସ୍ୱାଇଁ (ଋଣଗ୍ରହୀତା)**, ପିତା: ଶ୍ରୀ ବୃନ୍ଦାବନ ସ୍ୱାଇଁ, ଉଭୟଙ୍କ ଠିକଣା: ସା/ପୋ.- ଅଡଶପୁର, ଥାନା: ଓଲଟପୁର, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୦୧୧ । | (କ)ଟ.୫,୦୦,୦୦୦/- / (ଖ) ୦୫.୧୧.୨୦୨୫ / (ଗ) ୦୬.୧୧.୨୦୨୫ | ୦୬.୧୧.୨୦୨୫ ସୁଦ୍ଧା ଟ.୧,୭୭,୬୦୩.୪୭ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀମତୀ ମିଳି ସ୍ୱାଇଁ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୭୬୯/୬୮୭୩, ମ୍ୟୁଟେସନ ଖାତା ନଂ.୧୧୮୭/୬୬୯, ମୌଜା: ଅଡଶପୁର, ଥାନା: ଓଲଟପୁର, ତହସିଲି: କଣ୍ଟାପଡା, ଏରିଆ: ଏ୦.୦୬୦ ଡିସିମିଲି, କିସମ: ଘରବାରୀ, ଉପଜିଲ୍ଲା: ନିଆଳି ରେ ରେଜିଷ୍ଟ୍ରିଭୁକ୍ତ, ଜିଲ୍ଲା: କଟକ, ଚାରିପାର୍ଶ୍ୱରେ: ଉତ୍ତର- ଉର୍ବଳ ଜେନା, ଦକ୍ଷିଣ- ପବନି ନାୟକ, ପୂର୍ବ- ରଘୁନାଥ ବିଶ୍ୱାଳ, ପଶ୍ଚିମ- ରାସ୍ତା । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ୱା ଲିଜ୍ କିମ୍ୱା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ୱା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ୱା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ୱା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ୱା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୦୭.୧୧.୨୦୨୫, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ସଂକ୍ଷେପରେ

### ନୂଆପଡ଼ା ଉପ ନିର୍ବାଚନ: ବନ୍ଦ ରହିବ ମଦ ଦୋକାନ

ବରଗଡ଼,୭।୧୧(ପ୍ରେମାନନ୍ଦ ଖମାରୀ): ଆସନ୍ତା ୧୧ତାରିଖ ନୂଆପଡ଼ା ଉପ ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୯ତାରିଖ ଅପରାହ୍ନ ୪ଟାରୁ ୧୧ତାରିଖ ଭୋଟ ଗ୍ରହଣ ସରିବା ପର୍ଯ୍ୟନ୍ତ ନୂଆପଡ଼ା ସୀମାନ୍ତ ବରଗଡ଼ ଜିଲାର ପାଇକମାଲ ଏବଂ ଝାରବନ୍ଧ ଅଞ୍ଚଳରେ ରହିଥିବା ୮ଟି ଦେଶୀ, ବିଦେଶୀ ମଦ ଦୋକାନ ବନ୍ଦ ରହିବ। ସେଗୁଡିକ ହେଲା, କାଦୋଗୁଛା, ଟେମେରିମାଲ, ମାଣ୍ଡୋସିଲ, ନୂଆପଡ଼ା ଓ ଡଭାର ଦେଶୀ ମଦ ଦୋକାନ, ଡଭା ସେଲ ସେଣ୍ଟର, ଛିନ୍ଦେଇକେଲା ଏବଂ ମାଣ୍ଡୋସିଲ ବିଅର ପାର୍ଲର । ଆସନ୍ତା ୧୪ତାରିଖ ଭୋଟ ଗଣତି ଦିନ ମଧ୍ୟ ଏହି ମଦ ଦୋକାନ ଗୁଡିକ ବନ୍ଦ ରହିବ ବୋଲି ବରଗଡ଼ ଜିଲା ଅବକାରୀ କାର୍ଯ୍ୟାଳୟର ବିଜ୍ଞପ୍ତି ସଂଖ୍ୟା – ୧୩୬୪ ତା–୭।୧୧।୨୦୨୫ରେ ସୂଚନା ଦିଆଯାଇଛି।

### ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଜବତ

ବରପାଲି, ୭।୧୧(ଚିତ୍ତରଞ୍ଜନ ସାହୁ): ବରପାଲି ଥାନା ତିନିକାନି ଗ୍ରାମରେ ଏକ ପୋଖରୀରୁ ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି । ମୃତକ ଜଣକ ବିଜେପୁର ଥାନା ଲେମଧର ଗ୍ରାମର ବୋଲି ଜଣାପଡ଼ିଛି। ସେ ତିନିକାନି ଗ୍ରାମର ଜନୈକ ବ୍ୟକ୍ତିଙ୍କଠାରେ କାମ କରୁଥିଲେ । ସକାଳୁ ସେ ନିଖୋଜ ଥିଲେ। ମଧ୍ୟାହ୍ନରେ ଗ୍ରାମ ପୋଖରୀରେ ବୃଦ୍ଧଙ୍କ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପରେ ପୋଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ସନ୍ଧ୍ୟାରେ ପୋଲିସ ଅଗ୍ନିଶମ ବିଭାଗ ସହାୟତରେ ମୃତଦେହ ପୋଖରୀରୁ ବାହାର କରାଯାଇଥିଲା।

### ବ୍ଲକ ସ୍ତରୀୟ ବାଳ ବିଜ୍ଞାନୀ ପ୍ରଦର୍ଶନୀ ପ୍ରସ୍ତୁତି ବୈଠକ

ବରପାଲି, ୭।୧୧(ଚିତ୍ତରଞ୍ଜନ ସାହୁ): ବରପାଲି ବ୍ଲକର ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକମାନଙ୍କୁ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁକୁନ୍ଦ ମହାରାଙ୍କ ସଭାପତିତ୍ୱରେ ବ୍ଲକ ସ୍ତରୀୟ ବାଳ ବିଜ୍ଞାନୀ ପ୍ରଦର୍ଶନୀ ୨୦୨୫ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ବର୍ଷର ଆୟ ଅଟକଳ ବିବରଣୀ ପଠନ ଏବିଇଓ ରତ୍ନ କୁମାର ଭୋଇ ଦ୍ୱାରା ହୋଇଥିଲା। ସମସ୍ତଙ୍କ ସର୍ବ ସମ୍ମତି କ୍ରମେ ଆସନ୍ତା ବର୍ଷ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରପାଲିଠାରେ ଆସନ୍ତା ୧୯ ତାରିଖରେ ଏହି କାର୍ଯ୍ୟକ୍ରମ ହେବ ବୋଲି ଦିନ ଧାର୍ଯ୍ୟ ହୋଇଥିଲା। ଏଥିରେ ଅଧିକରୁ ଅଧିକ ବୈଜ୍ଞାନିକ ପ୍ରତିଭାଶାଳୀ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେବା ପାଇଁ ମହାରା କହିଥିଲେ।

### ବରଗଡ଼ରେ ଜାତୀୟ କର୍କଟ ସଚେତନତା ଦିବସ

ବରଗଡ଼,୭।୧୧(ପ୍ରେମାନନ୍ଦ ଖମାରୀ): ବରଗଡ଼ ବିକାଶ ନର୍ସିଂ କଲେଜ ତରଫରୁ ଶୁକ୍ରବାର ସହର ଉପକଣ୍ଠ ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜାତୀୟ କର୍କଟ ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିକାଶ ନର୍ସିଂ କଲେଜର ଛାତ୍ରୀଛାତ୍ରମାନେ ସଚେତନତା ସୃଷ୍ଟି କରିଥିଲେ। ଏହି କ୍ରମରେ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ । ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ଦିପାଞ୍ଜଳୀ ପଟେଲଙ୍କ ତତ୍ତ୍ୱାବଧାନରେ ଅଧ୍ୟାପିକା ଦେବସ୍ମିତା ସାହୁ, ନିର୍ମଳା ବିରୋ, ଅଧ୍ୟାପକ ପ୍ରତ୍ୟୁଷ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବରେ ଜିଲାପାଳ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।


ବରଗଡ଼ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ସମବେତ ଛାତ୍ରୀଛାତ୍ର।

# ଦେଶ ମାତୃକାର ସେବାରେ ସମର୍ପିତ ହେବାକୁ ଆହ୍ୱାନ

ବରଗଡ଼,୭।୧୧(ପ୍ରେମାନନ୍ଦ ଖମାରୀ)

'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ବରଗଡ଼ ଜିଲା ପ୍ରଶାସନ ତରଫରୁ ସ୍ଥାନୀୟ ଯଦୁମଣି ଅଡିଟୋରିୟମରେ ଜିଲାସ୍ତରୀୟ ସାମୁହିକ ସଙ୍ଗୀତ ଗାନ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଏକ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇ ଏକତାର ସୂତ୍ରରେ ଶ୍ରଦ୍ଧାର ସହିତ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ ସମ୍ପୂର୍ଣ୍ଣ ଗୀତଟି ଗାନ କରିଥିଲେ। ନୂଆଦିଲ୍ଲୀସ୍ଥିତ ଇନ୍ଦିରାଗାନ୍ଧୀ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ରାଷ୍ଟ୍ରୀୟ ସ୍ତରୀୟ ଉତ୍ସବର ସିଧା ପ୍ରସାରଣରେ ଯୋଡି ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବକ୍ତବ୍ୟକୁ ଶୁଣି ଦେଶପ୍ରେମ ଏବଂ ଏକତାର ମନୋଭାବକୁ ଜାଗ୍ରତ କରିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସାହାୟ ମୀନା, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା, ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଏବଂ ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ତାହିର ହୁସେନ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏତଦବ୍ୟତୀତ ବରଗଡ଼ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ଉଚ୍ଚ ଶିକ୍ଷା ଅନୁଷ୍ଠାନ, ବିଦ୍ୟାଳୟ, ମହାବିଦ୍ୟାଳୟରେ ଆୟୋଜିତ ସମୁହିକ ବନ୍ଦେ ମାତରମ ଗୀତ ଗାନ ଉତ୍ସବରେ ସମସ୍ତ ଅଧିକାରୀ, କର୍ମଚାରୀ ଓ ଛାତ୍ରୀଛାତ୍ର ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ ଗୀତଟି ଗାନ କରି

**ସଭିଏଁ ଗାଇଲେ ବନ୍ଦେ ମାତରମ**

ସଙ୍ଗୀତର ଅମର ସନ୍ଦେଶକୁ ପୁନଃ ସ୍ମରଣ କରିବା ସହିତ ଦେଶପ୍ରେମ, ଏକତା ଓ ଭାରତୀୟ ସାଂସ୍କୃତିକ ଐତିହ୍ୟ ପ୍ରତି ସମ୍ମାନର ପରିପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲେ । ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ସକାଳ ପ୍ରାର୍ଥନା ସଭାରେ 'ବନ୍ଦେ ମାତରମ' ଗାନ କରାଯାଇଥିଲା । ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷକ କରନ ସାହୁ, ଉପ ପ୍ରଧାନ ଶିକ୍ଷକ ପ୍ରଭୁଦତ୍ତ ଦାଶ, ଏକାଡ଼େମୀକ ସଂଯୋଜିକା ସୀମା ସାହୁ, ସଂଯୋଜିକା ମମତା ସିହ୍ନା, ସଂଯୋଜିକା ରୀତା ନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଏକାଡେମିକ ସଂଯୋଜିକା ସୀମା ସାହୁ ଏହି ରାଷ୍ଟ୍ରଗାନର ଅର୍ଥ ଓ ମହତ୍ତ୍ୱ ସମ୍ପର୍କରେ ସମ୍ୟକ ତଥ୍ୟ ଦେଇଥିଲେ। ପ୍ରଧାନ ଶିକ୍ଷକ ସାହୁ ଏହି ରାଷ୍ଟ୍ରଗୀତକୁ ସମ୍ମାନ ଦେବା ପାଇଁ କହିବା ସହ ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ନିଜ ଜୀବନରେ ଆଗକୁ ବଢି ଦେଶର ସମୃଦ୍ଧିରେ ଭାଗୀଦାର ହେବା ପାଇଁ ପ୍ରେରିତ କରିଥିଲେ। ଶେଷରେ ସମସ୍ତେ ମିଳିତ ହୋଇ ସମ୍ମାନର ସହ 'ବନ୍ଦେ ମାତରମ' ଗାନ କରି ସଭାର ପରିସମାପ୍ତି କରିଥିଲେ। ବରଗଡ଼ ରାଣାପ୍ରତାପ ସ୍କୁଲରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ସାମିଲ ହୋଇ ସାମୁହିକ 'ବନ୍ଦେ ମାତରମ' ଗାନ କରିଥିଲେ। ଏହି ଅବସରରେ ଦେଶ ପାଇଁ ବଳିଦାନ ଦେଇଥିବା ମହାପୁରୁଷଙ୍କ ସ୍ମୃତିଚାରଣ କରାଯିବା ସହିତ ଦେଶ ମାତୃକା ସେବାରେ ସମର୍ପିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦିଆଯାଇଥିଲା। ବିକାଶ ଲ ସ୍କୁଲରେ ଅଧ୍ୟକ୍ଷ ପ୍ରଫେସର ବିକ୍ରମ କୁମାର ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରମ'ର ମର୍ଯ୍ୟାଦା ରଖିବା ପାଇଁ ଆହ୍ୱନ କରାଯାଇଥିଲା। ଛାତ୍ରୀ ଏକତା ରଥ, ଛାତ୍ର ଦେବାଶିଷ ମିଶ୍ର, ଓମଶ୍ରୀ ପାଣିଗ୍ରାହୀ ଏହି ରାଷ୍ଟ୍ରୀୟ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଶିବାନନ୍ଦ ସାହୁ, ଜୈମିନୀ କୁମାର ସାହୁ, ନିହାର ରଞ୍ଜନ ବିଶ୍ୱାଳ, ଅଧ୍ୟାପିକା ରୋଜି ମେହେର, ସ୍ୱାଗତିକା ସାହୁ, ସୁଶୋଭିତା ଦାଶ, ସନ୍ତୋଷୀ ସାହୁ, ଅଞ୍ଜନା ପୂଜାରୀ, ସାଗରିକା ବିଶ୍ୱାଳ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଦୁଗ୍ଧ ଚାଷୀଙ୍କୁ ଘାସ ମଞ୍ଜି ପ୍ରଦାନ

ଭେଡେନ,୭।୧୧ (ହୃଷିକେଶ ଖମାରୀ)

ଓମଫେଡ଼ ପରିଚାଳିତ ସମ୍ବଲପୁର ସମଲେଶ୍ୱରୀ ଆଞ୍ଚଳିକ ଦୁର୍ବ ଉତ୍ପାଦକ ସମବାୟ ସଂଘ ଅଧିନ ବରଗଡ଼ ଜିଲା ଗର୍ଭଣାସ୍ଥିତ ମାହେଶ୍ୱରୀ ଦୁଗ୍ଧମାର୍ଗ ଅଧିନସ୍ଥ ଦେଶଭଟଲି ଗୋମାତା ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ଦୁଗ୍ଧ ଚାଷୀମାନଙ୍କୁ ଶୁକ୍ରବାର ଘାସ ମଞ୍ଜି ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀମାନଙ୍କୁ ମାଗଣାରେ ଘାସ ମଞ୍ଜି ଯୋଗାଇ ଦିଆଯାଇଛି। ଚାଷୀ ପ୍ରତିନିଧି ସମୀର ମିଶ୍ର, ଦାଶରଥି ଦାଶ, ସୁରେଶ ଦେହେରା, ଚୂଡ଼ାମଣି ଭୋଇ, ସୀତାରାମ ଦନ୍ତା, ଆନନ୍ଦ ଦୀପ, ବୁଦ୍ଧଦେବ ସେଣ, ମାଧବ ସୋନୀ, ମୀରା କଲେଜ, ପ୍ରଶାନ୍ତ ଦନ୍ତା, ଆରିୟନ ମାଝୀ, ଅଞ୍ଜଳି ଝାଙ୍କର, ବୃନ୍ଦାବନ ପଣ୍ଡା ପ୍ରମୁଖଙ୍କୁ ଏହା ପ୍ରଦାନ କରାଯାଇଥିଲା। ଏହି ଦୁଗ୍ଧ ମାର୍ଗର ଉଦେପୁର ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ଦୁଗ୍ଧ ଚାଷୀ ରଶ୍ମୀ ସେଣ, ତରଣୀ ପ୍ରଧାନ, କ୍ଷୀରୋଦ ପ୍ରଧାନ, ପୂର୍ଣ୍ଣମା ଦନ୍ତା ପ୍ରମୁଖ ଅଗ୍ରଣୀ ଦୁଗ୍ଧ ଚାଷୀମାନଙ୍କୁ ମଧ ଘାସ ମଞ୍ଜି(ବିହନ ) ପ୍ରଦାନ କରାଯାଇଥିଲା। ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସମବାୟ ସଂଘ ସମ୍ବଲପୁର ଡଃ ସରୋଜ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବରଗଡ ୟୁନିଟ ଇନଚାର୍ଜ୍ଜ ସୁଶାନ୍ତ କୁମାର ମହାକୁର, ଚିପିଲିମା ୟୁନିଟ ଇନଚାର୍ଜ୍ଜ ତଥା ତାଲିମ ଅଧିକାରୀ ସଞ୍ଜିବ ଶତପଥୀ, କ୍ଷେତ୍ର ପରିଦର୍ଶକ ଭରତ ବେହେରା ପ୍ରମୁଖଙ୍କ ପ୍ରଚେଷ୍ଟାରେ କ୍ଷୀର ଉତ୍ପାଦନ ଦିଗୁଣିତ କରିବା ପାଇଁ ଚାଷୀମାନଙ୍କୁ ସଚେତନ କରାଯିବା ସହିତ ଏଭଳି ପଦକ୍ଷେପ ନିଆଯାଇଛି।



ଅତାବିରାରେ ସିଦ୍ଧାର୍ଥ ସ୍କୁଲ ଛାତ୍ରୀଛାତ୍ରମାନେ କର୍କଟ ସଚେତନତା ମାରାଥନ ପଦଯାତ୍ରା କରୁଛନ୍ତି।

# କର୍କଟ ସଚେତନତା ମାରାଥନ ପଦଯାତ୍ରା

ଅତାବିରା,୭।୧୧(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ କୁମେଲସିଂହା ସ୍ଥିତ ସିଦ୍ଧାର୍ଥ ପବ୍ଲିକ ସ୍କୁଲ ଓ ଜିଏନ୍ଏମ୍ ଗ୍ରୁପର ଆହ୍ୱାନକ୍ରମେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଏକ ସଚେତନତା ମାରାଥନ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାହାରିଥିବା ପଦଯାତ୍ରାକୁ ସ୍କୁଲ ଅଧ୍ୟକ୍ଷ ଜି. ଶ୍ରୀନିବାସ ରାଓ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଶ୍ୱ କ୍ୟାନ୍ସର ସଚେତନତା ଦିବସ ଅବସରରେ ସ୍ଥାନୀୟ ପୁରୁଣା ସିନେମା ହଲ ସମ୍ମୁଖରୁ ଅଗ୍ରସେନ ଭବନ ଦେଇ ଉଭୟ ସେବା ରାସ୍ତାରେ ପଦଯାତ୍ରା କରାଯାଇଥିଲା। ପରେ ଗୋଡ଼ଭଗାରେ ଲୋକଙ୍କୁ ସଚେତନ କରି ଛାତ୍ରୀଛାତ୍ରମାନେ ସ୍କୁଲକୁ ଫେରିଥିଲେ। ଏହି ଅବସରରେ ଅତାବିରା ଓ ଗୋଡ଼ଭଗାରେ ୪୩୦ ଜଣଙ୍କ ବିଏମ୍ଇ ଅକାଳନ କରାଯାଇଥିଲା। ରାଲିରେ ଛାତ୍ରୀଛାତ୍ରମାନେ ଆସନ୍ତୁ ଆମେ ସମସ୍ତେ ମିଳିମିଶି କର୍କଟ ବିଷୟରେ ଲୋକଙ୍କୁ ସଚେତନ କରିବା ସହିତ କର୍କଟ ବିରୋଧରେ ଲଢେଇ କରିବା ବୋଲି ଜନତାଙ୍କୁ ବୁଝାଇଥିଲେ। ଆମ ବରଗଡ଼ ଜିଲାକୁ କର୍କଟଠାରୁ ଦୂରେଇ ରଖିବା ଲକ୍ଷ୍ୟ ନେଇ ଏହି ପଦଯାତ୍ରା କରାଯାଇଥିଲା। ଏଥିରେ ବିଦ୍ୟାଳୟର ଚେୟାରମ୍ୟାନ ଭି. ଶ୍ରୀନିବାସ ରାଓ, ସେକ୍ରେଟାରୀ ଜି. ଶ୍ରୀନିବାସ ରାଓ, ଶୈକ୍ଷିକ ନିର୍ଦ୍ଦେଶକ ଅସିତ ଅମାନ୍ତ ଓ ପରିଚାଳନା ନିର୍ଦ୍ଦେଶକ ଭି. ରୋହିତ ଉପସ୍ଥିତ ରହିଥିଲେ। ଗୋଡ଼ଭଗାରେ ଜିଏନ୍ଏମ୍‌ର ଉପାଧ୍ୟକ୍ଷ ରାଜେଶ ଦେବତା ପଦଯାତ୍ରାକୁ ସ୍ୱାଗତ କରିଥିଲେ। ଏଥିରେ ବିଦ୍ୟାଳୟର ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ବିଦ୍ୟୁତ୍ ବିଲର ସମାଧାନ ପାଇଁ ଅଭିଯୋଗ ପ୍ରତିବିଧାନ ପୀଠ

ବରଗଡ଼,୭।୧୧(ପ୍ରେମାନନ୍ଦ ଖମାରୀ): ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲୁଓଡିଏଲ) ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସଂଶୋଧନ ଲାଗି ବରଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ଚଳିତ ନଭେମ୍ବର ମାସ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଛି। ଆସନ୍ତା ୧୦ତାରିଖ ପଦମପୁରସ୍ଥିତ ଉଭୟ ସେକ୍ସନ ଅଫିସଠାରେ ଏହି ଅଭିଯୋଗ ପ୍ରତିବିଧାନ ପୀଠ ଅନୁଷ୍ଠିତ ହେବ। ସେହିପରି ନଭେମ୍ବର ୧୧ତାରିଖ ଦିନ ଖୁଣ୍ଟିପାଲି ଓ ଭେଡେନ, ୧୨ ତାରିଖ ବରପାଲିସ୍ଥିତ ଉଭୟ ସେକ୍ସନ ଅଫିସଠାରେ, ୧୪ ତାରିଖ ଘେଁସସ୍ଥିତ ଉଭୟ ସେକ୍ସନ ଅଫିସଠାରେ ଏହି ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଛି। ଆସନ୍ତା ୧୫ ତାରିଖ ଭଟଲିସ୍ଥିତ ସବଡିଭିଜନ ଅଫିସ, ୧୭ ତାରିଖ ଗୋଡଭଗା ଓ ଲରମ୍ବାସ୍ଥିତ ସେକ୍ସନ ଅଫିସ ଏବଂ ୧୮ ତାରିଖ ତୋରାସ୍ଥିତ ସେକ୍ସନ ଅଫିସଠାରେ ଏହି ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ ହେବ ବୋଲି ଟିପିଡବ୍ଲୁଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି।



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ଛାତ୍ରୀଛାତ୍ରଙ୍କ ସାଇବର ସଚେତନତା କାର୍ଯ୍ୟକ୍ରମ

ବରପାଲି,୭।୧୧(ଚିତ୍ତରଞ୍ଜନ ସାହୁ)

**ସାଇବର ସୁରକ୍ଷା ନେଇ ଛାତ୍ରୀଛାତ୍ରଙ୍କ ସଚେତନତା ପଦଯାତ୍ରା**

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ସାଇବର ସଚେତନତା କାର୍ଯ୍ୟକ୍ରମ ସହ ବ୍ଲକ ସ୍ତରୀୟ ସ୍ନାତକ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସାଇବର ସୁରକ୍ଷା ସଚେତନତା ଉପରେ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଉପସ୍ଥିତିରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିତର୍କ ଓ କୁଇଜ୍ ପ୍ରତିଯୋଗିତାରେ କଟାପାଲି ଯୁକ୍ତ ୩ ମହାବିଦ୍ୟାଳୟର ଛାତ୍ର ସ୍ୱନ୍ଦନ ମିଶ୍ର ଓଡ଼ିଆ ବିତର୍କରେ ପ୍ରଥମ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ବରପାଲି ମହାବିଦ୍ୟାଳୟର ଛାତ୍ର ଶ୍ରୀମନ୍ତ ନାରାୟଣ ତ୍ରିପାଠୀ ଓ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଛାତ୍ରୀ ଗୀତାଞ୍ଜଳି ଦାଶ ଇଂଲିଶରେ ପ୍ରଥମ ବରପାଲି ମହାବିଦ୍ୟାଳୟର ଛାତ୍ର ନିତ୍ୟମ ପରିଡ଼ା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ, ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଛାତ୍ରୀ ମୁଷ୍କାନ ନାଗ ଏବଂ କୁଇଜ ପ୍ରତିଯୋଗିତାରେ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଛାତ୍ରୀ ଯାଜ୍ଞସେନୀ ମହାକୁର ପ୍ରଥମ ସ୍ଥାନ ଓ ଦ୍ୱିତୀୟ ସ୍ଥାନ ନନ୍ଦିନୀ ଗହୀର ଅଧିକାର କରିଥିଲେ। ବିଚାରକ ଭାବେ ହିନ୍ଦୀ ଅଧ୍ୟାପିକା ଜ୍ୟୋତି ସାହୁ, ଇଂଲିଶ ଅଧ୍ୟାପିକା ପାରିଣୀତା ପଧାନ ଓ ଶିକ୍ଷା ବିଭାଗର ଅଧ୍ୟାପିକା ମନିଷା ଭୋଇ ପରେ ହିନ୍ଦୀ ବିଭାଗର ମୁଖ୍ୟ ଜ୍ୟୋତି ସାହୁଙ୍କ ପରିଚାଳନା ସଭାରେ ଅଧ୍ୟକ୍ଷା ପଦ୍ମିନୀ ଦାସଙ୍କ ସଭାପତିତ୍ୱରେ ସଚେତନତା ମୂଳକ ସଭା ଅନୁଷ୍ଠିତ ହେବା ସହ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାରଙ୍କ ସମେତ ତାଙ୍କ ସଯୋଗୀ ମହାବିଦ୍ୟାଳୟକୁ ଆସି ଛାତ୍ରୀଛାତ୍ରମାନଙ୍କୁ ସାଇବର ସଚେତନତା ଓ ସତର୍କତା ହିଁ ସାଇବର ଅପରାଧକୁ ରୋକାଯାଇପାରିବ ବୋଲି କହିଥିଲେ। ଆଗାମୀ ଦିନରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଜିଲା ସ୍ତରରେ ଭାଗ ନେବେ ବୋଲି ମୁଖ୍ୟ ଅତିଥି ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହକର୍ମୀବୃନ୍ଦ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ସୁକନ୍ୟା ସମୃଦ୍ଧି ଯୋଜନା ଉପରେ ଗୁରୁତ୍ୱାରୋପ

ସୋହେଲା,୭।୧୧(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ବ୍ଲକ ଅନ୍ତର୍ଗତ ନିର୍ଜିମ ଗ୍ରାମରେ ସଞ୍ଚୟ ପକ୍ଷ ପାଳିତ ହୋଇଯାଇଛି। ଜିଲା ଆର୍ଥିକ ସେବା ଏବଂ ସଞ୍ଚୟ ସଙ୍ଗଠନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଶ୍ରଦ୍ଧାଞ୍ଜଳି ସାହୁ ମୁଖ୍ୟ ଅତିଥି, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଅମିତ ପ୍ରସାଦ, ବିପିଏମ୍ ସସ୍ମିତ ପତି, ଯନ୍ତ୍ରି ସଞ୍ଜୀବ କୁମାର ନାଗ, ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ସେଠ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଡାକଘରର ବିଭିନ୍ନ




ଯୋଜନା ଉପରେ ଆଲୋଚନା ହୋଇଥିବା ବେଳେ ସୁକନ୍ୟା ସମୃଦ୍ଧି ଯୋଜନା ଉପରେ ବିସ୍ତୃତ ଗୁରୁତ୍ୱାରୋପ କରାଯାଇଥିଲା. କନ୍ୟା ମାନଙ୍କ ସମୃଦ୍ଧି ଯଥା କନ୍ୟାର ଶିକ୍ଷା, ବିବାହ ଖର୍ଚ୍ଚ ଭରଣା ପାଇଁ ସୁକନ୍ୟା ସମୃଦ୍ଧି ଏକ ଭରସା ଯୋଗ୍ୟ ଯୋଜନା ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ମହିଳାମାନେ ଯୋଗଦେଇଥିଲେ, ବିପିଏମ୍ ଚୂଡ଼ାମଣୀ ସରାପ, ସାନନ୍ଦ ସାହୁ, ଏବିପିଏମ୍ ବସନ୍ତ ଛତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିଭଳି ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଡାକ୍ତର ବିଶ୍ୱଜିତ ଶତପଥୀ, ଡାକ୍ତର ପ୍ରତାପ କୁମାର ସାହୁ, ଡାକ୍ତର ରବୀନ୍ଦ୍ର ସାହୁ, ଡାକ୍ତର ଜାଜ୍ଞସିନୀ ପଧାନ, ଫାର୍ମାସିଷ୍ଟ ଆଲୋକ ସାଗର, ସିଏଚ୍ଓ ସୁନିତା ମହାନନ୍ଦ, ଏଏନ୍ଏମ୍ ବେଦମତି ନାୟକ, ଆଦିତ୍ୟ ନାଏକ, ବଲ୍ଲଭ ସାହୁ ପମୁଖ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ୩୦ରୁ ଉର୍ଦ୍ଧ୍ୱ ରୋଗୀ ପଞ୍ଜୀକୃତ ହୋଇଥିଲେ।

# ଜିଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଅତାବିରା, ୭।୧୧(ଯୁଧିଷ୍ଠିର ମହାପାତ୍ର)

ଅତାବିରା ଉଚ୍ଚ ବିଦ୍ୟାଳୟଠାରେ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ରୂପେ ଅତାବିରା ତହସିଲଦାର କେ.ଗିଚି କୁମାର, ସମ୍ମାନିତ ଅତିଥି ରୂପେ ସବରେଜିଷ୍ଟ୍ରର ଅଙ୍କିତ ପଣ୍ଡା, ଭେଡେନ ଶିକ୍ଷା ଅଧିକାରୀ ମଚ୍ଛିନ୍ଦ୍ର ମଲ୍ଲିକ, ଅତାବିରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିଷ ଚନ୍ଦ୍ର ପ୍ରଧାନ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ହରପାଲ, ଅତାବିରା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା, ବ୍ଲକ କ୍ରୀଡ଼ା ସମ୍ପାଦକ ସୁଦୀପ୍ତ କୁମାର ସାହୁ ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ କ୍ରୀଡ଼ା ଶିକ୍ଷକ ତ୍ରିଲୋକ୍ୟ



ଜିଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଚାଲିଛି ।

ନାୟକ ଓ କ୍ରୀଡ଼ା ଶିକ୍ଷୟିତ୍ରୀ ସେବା ବିନିମୟା ଯୁକ୍ତା ବାରିକ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ବରଗଡ଼ ଜିଲାର ବିଭିନ୍ନ ବ୍ଲକରୁ ବାଳକ ଓ ବାଳିକା ୧୪ ବର୍ଷ ବୟସ୍କରୁ କମରେ ଯଥାକ୍ରମେ ୫୯ ଓ ୫୭ ଏବଂ ବାଳକ ଓ ବାଳିକା ୧୭ ବର୍ଷ ବୟସ୍କରୁ କମରେ ଯଥାକ୍ରମେ ୮୫ ଓ ୬୯ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କ୍ରୀଡ଼ା ପରିଚାଳନା କରିବା ପାଇଁ ୪୭ ଜିଲା ଅଫିସିଏଲ୍ସ, ୨୯ ମ୍ୟାନେଜର ଓ ୧୮ ଜଣ କୋଚ ଯୋଗଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତାବିରା ବ୍ଲକ ଅଧୀନରେ କାର୍ଯ୍ୟରତ ସମସ୍ତ ଖେଳ ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ ସି.ଆର୍.ସି.ସି. ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅତାବିରା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ବ୍ଲକ କ୍ରୀଡ଼ା ସମ୍ପାଦକ ସୁଦୀପ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ପ୍ରତିଯୋଗୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଅଡଶପୁର ଶାଖା** (୧)**ଶ୍ରୀମତୀ ମିଲି ସ୍ୱାଇଁ (ଋଣଗ୍ରହୀତା ଏବଂ ବନ୍ଧକଦାତା)**, ସ୍ୱା: ଶ୍ରୀ କୈଳାଶ ସ୍ୱାଇଁ, (୨)**ଶ୍ରୀ କୈଳାଶ ସ୍ୱାଇଁ (ଋଣଗ୍ରହୀତା)**, ପିତା: ଶ୍ରୀ ବୃନ୍ଦାବନ ସ୍ୱାଇଁ, ଉଭୟଙ୍କ ଠିକଣା: ସା/ପୋ.- ଅଡଶପୁର, ଥାନା: ଓଲଟପୁର, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୦୧୧ । | (କ)ଟ.୫,୦୦,୦୦୦/- / (ଖ) ୦୫.୧୧.୨୦୨୫ / (ଗ) ୦୬.୧୧.୨୦୨୫ | ୦୬.୧୧.୨୦୨୫ ସୁଦ୍ଧା ଟ.୧,୭୭,୬୦୩.୪୭ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀମତୀ ମିଲି ସ୍ୱାଇଁ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୭୬୯/୬୮୭୩, ମ୍ୟୁଟେସନ ଖାତା ନଂ.୧୧୮୭/୬୬୯, ମୌଜା: ଅଡଶପୁର, ଥାନା: ଓଲଟପୁର, ତହସିଲି: କଣ୍ଟାପଡା, ଏରିଆ: ଏ୦.୦୬୦ ଡିସିମିଲି, କିସମ: ଘରବାରୀ, ଉପଜିଲ୍ଲା: ନିଆଳି ରେ ରେଜିଷ୍ଟ୍ରିଭୁକ୍ତ, ଜିଲ୍ଲା: କଟକ, ଚାରିପାର୍ଶ୍ୱରେ: ଉତ୍ତର- ଉର୍ବଜ ଜେନା, ଦକ୍ଷିଣ- ପବନି ନାୟକ, ପୂର୍ବ- ରଘୁନାଥ ବିଶ୍ୱାଳ, ପଶ୍ଚିମ- ରାସ୍ତା । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୦୭.୧୧.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ନେଇ ଆଲୋଚନା

**ସୁନ୍ଦରଗଡ଼ ବନଖଣ୍ଡ ଅଧୀନରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ- ୨ୟ ପର୍ଯ୍ୟାୟର ବାର୍ଷିକ ସମୀକ୍ଷା ବୈଠକ**

ସୁନ୍ଦରଗଡ,୭।୧୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ବନଖଣ୍ଡ ଅଧୀନରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ୟ ପର୍ଯ୍ୟାୟର ବାର୍ଷିକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ଖୁସୱନ୍ତ ସିଂହ ଏବଂ ସହକାରୀ ବନ ସଂରକ୍ଷକ ମାନସ କୁମାର ମୁର୍ମୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବିକାଶ ଭବନ ସଭାଗୃହଠାରେ ଏକ ସ୍ୱତନ୍ତ୍ର ସଭା ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥିଭାବେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଉପପ୍ରକଳ୍ପ ନିର୍ଦ୍ଦେଶକ ଯଶୋବନ୍ତ ବରିହା, ନିମନ୍ତ୍ରିତ ଅତିଥିଭାବେ ସୁନ୍ଦରଗଡ କିରେଇ କୃଷିବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ମନୋଜ କୁମାର ଜେନା, ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ ମାନସିଂହ ସୋରେନ, ଜଳବିଭାଜିକା ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ କୁମାର ପାତ୍ର, ଜିଲା ପ୍ରାଣୀ ସମ୍ପଦ ବିଭାଗର ଉପନିର୍ଦ୍ଦେଶକ ଡ. ସ୍ୱରୂପ ରଞ୍ଜନ ମହାପାତ୍ର, ଉପ ଆରକ୍ଷୀ ଅଧୀକ୍ଷିକା ଦ୍ରୌପଦୀ ଦାସ, ସହକାରୀ କୃଷି ଅଧିକାରୀ ଡ. ସିଦ୍ଧାର୍ଥଶଙ୍କର ଜେନା, ସହକାରୀ ଜିଲା ମଙ୍ଗଳ ଅଧିକାରିଣୀ ଦମୟନ୍ତୀ ନାୟକ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ଅଧକ୍ଷ ଅମିୟକାନ୍ତ ପ୍ରମୁଖ ଯୋଗଦେଇ ପ୍ରକଳ୍ପର ସହାୟତା ଏବଂ ବିଭିନ୍ନ ଏକାଭିମୁଖିତା କାର୍ଯ୍ୟକ୍ରମ ମାଧ୍ୟମରେ ବନସୁରକ୍ଷା ସମିତି ସ୍ତରରେ କିଭଳି ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ଜୀବନ ଜୀବିକାରେ ଉନ୍ନତି ହୋଇପାରିଛି ସେ ସମ୍ପର୍କରେ ଆଲୋକପାତ କରିବା ସହିତ ପ୍ରକଳ୍ପର କାର୍ଯ୍ୟକାରିତାକୁ ପ୍ରଶଂସା କରିଥିଲେ। ବନଖଣ୍ଡ ଅଧିକାରୀ ସିଂହ ଉପସ୍ଥିତ ଅତିଥି, ବନସୁରକ୍ଷା ସମିତିର ସଦସ୍ୟାସଦସ୍ୟ ଏବଂ ବିଭାଗୀୟ କର୍ମକର୍ତ୍ତାଙ୍କ ନିକଟରେ ପ୍ରକଳ୍ପର ଅଗ୍ରଗତି ଏବଂ ଆଗାମୀ ଦିନର ଲକ୍ଷ୍ୟ ସମ୍ପର୍କରେ ଉପସ୍ଥାପନ କରିବା ସହିତ ଏହାକୁ ବ୍ୟାପକ କରିବା ନିମନ୍ତେ ମତ ପ୍ରକାଶ କରିଥିଲେ। ଏଥିସହ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ୨ୟ ପର୍ଯ୍ୟାୟର ନିର୍ଦ୍ଧାରିତ କାର୍ଯ୍ୟକ୍ରମ ମାଧ୍ୟମରେ କିଭଳି ଭାବରେ ଗ୍ରାମାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ, ସମ ଆଗ୍ରହୀ ଗୋଷ୍ଠୀ ଏବଂ ଅସହାୟ ପରିବାରର ସଦସ୍ୟାମାନେ ଆବର୍ତ୍ତନ ପାଣ୍ଠି ବ୍ୟବହାର କରି ଏବଂ ବିଭିନ୍ନ ବିଭାଗ ସହିତ ଏକାଭିମୁଖିତା କାର୍ଯ୍ୟକ୍ରମ ମାଧ୍ୟମରେ ଦୀର୍ଘ ସ୍ଥାୟୀ ଜୀବିକାକୁ ଆପଣେଇ ସ୍ୱାବଲମ୍ବୀ ହୋଇପାରିଛନ୍ତି ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ସଭାରେ ସମସ୍ତ କ୍ଷେତ୍ର ପରିଚାଳନା ଏକକ ମୁଖ୍ୟ ତଥା ବନାଞ୍ଚଳ ଅଧିକାରୀ, ବନ ସୁରକ୍ଷା ସମିତିର ସଭ୍ୟ, ସମ୍ପାଦକ, ସଦସ୍ୟା, ବିଭିନ୍ନ ଗୋଷ୍ଠୀମାନଙ୍କର ସଦସ୍ୟା, ପ୍ରକଳ୍ପ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ସମୂହ ଅଂଶ ଗ୍ରହଣ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ପ୍ରକଳ୍ପ ଦ୍ୱାରା ସମ୍ପାଦିତ ବିଭିନ୍ନ କାର୍ଯ୍ୟ ସମୂହର ଫଟୋ ଗ୍ୟାଲେରି ଏବଂ ବନ ସୁରକ୍ଷା ସମିତି ସ୍ତରରେ ମହୁଲ, ମାଣ୍ଡିଆ, ସଜନା ଏବଂ ବିଭିନ୍ନ ବନଜାତ ଦ୍ରବ୍ୟ ବ୍ୟବହାର କରି ଉତ୍ପାଦିତ ସାମଗ୍ରୀ ସମୂହର ଷ୍ଟଲ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ କରାଯାଇଥିଲା। ଶେଷରେ ସହକାରୀ ବନ ସଂରକ୍ଷକ ମାନସ କୁମାର ମୁର୍ମୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଷୟଗତ ବିଶେଷଜ୍ଞ ଗୋପାଳ ଚନ୍ଦ୍ର ଶୁକ୍ଳ, ସୁକାନ୍ତ କୁମାର ପାଣି ଏବଂ ଆକାଉଣ୍ଟାଣ୍ଟ ସୂର୍ଯ୍ୟକାନ୍ତ ସେନାପତି ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

# ଜିଲାରେ ଗାନ ହେଲା ବନ୍ଦେ ମାତରମ


ସମୂହ ବନ୍ଦେ ମାତରମ ଗାନ କରାଯାଉଛି।

**ରାଷ୍ଟ୍ରୀୟ ଗୀତ "ବନ୍ଦେ ମାତରମ" ର ୧୫୦ତମ ବର୍ଷ ପୂର୍ତ୍ତି ପାଳନ**

ସୁନ୍ଦରଗଡ଼,୭।୧୧(ଜୟ ନାରାୟଣ ମେଣ୍ଡୁଲି)

ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମର ଶୁକ୍ରବାର ୧୫୦ ବର୍ଷ ପୂର୍ତ୍ତି ହୋଇଛି। ଏହି ଅବସରରେ ରାଜ୍ୟରେ ସମବେତ ଭାବେ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ ଗାନ କରାଯାଇଛି। ଏଥିସହ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଗୁଡିକରେ ମଧ୍ୟ 'ବନ୍ଦେ ମାତରମ'ର ୧୫୦ ତମ ବର୍ଷ ପୂର୍ତ୍ତି ପାଳନ କରାଯିବା ସହିତ ରାଷ୍ଟ୍ରୀୟ ଗୀତ ଗାନ କରାଯାଇଛି। ଏହି ଅବସରରେ ଶୁକ୍ରବାର ସ୍ଥାନୀୟ ସଦଭାବନା ଭବନ ଠାରେ 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯିବା ସହିତ ସମବେତ ଭାବେ ବନ୍ଦେ ମାତରମ ଗାନ କରାଯାଇଥିଲା। ଦିଲ୍ଲୀ ସ୍ଥିତ ଇନ୍ଦିରା ଗାନ୍ଧୀ ଇନଡୋର ଷ୍ଟାଡିୟମଠାରେ ଆୟୋଜିତ ହୋଇଥିବା ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଜିଲା ସ୍ତରୀୟ କାର୍ଯ୍ୟକ୍ରମରେ ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମର ଲାଇଭ ଷ୍ଟ୍ରିମିଂ ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲାପାଳ ସୂରଜ ପଟ୍ଟନାୟକ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଜିଲା ସୂଚନା ବିଜ୍ଞାନ ଅଧିକାରୀ କାନ୍ଦ୍ରା ହେମ୍ବ୍ରମ, ଜିଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଅନ୍ୟାନ୍ୟ ଜିଲା ସ୍ତରୀୟ ଅଧିକାରୀ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ଯୋଗ ଦେଇଥିଲେ।

# ମାଣ୍ଡିଆ ଚାଷର ଗୁରୁତ୍ୱ ଉପରେ ଆଲୋଚନା

**ଜିଲା ସ୍ତରୀୟ ମାଣ୍ଡିଆ ଦିବସ**

ସୁନ୍ଦରଗଡ,୭।୧୧(ଜୟ ନାରାୟଣ ମେଣ୍ଡୁଲି): ଜିଲା ସ୍ତରୀୟ ମାଣ୍ଡିଆ ଦିବସ ଶୁକ୍ରବାର ସ୍ଥାନୀୟ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ମାଣ୍ଡିଆ ଚାଷର ଗୁରୁତ୍ୱ ବିଷୟରେ ଆଲୋଚନା କରି ମାଣ୍ଡିଆ ଆମର ପାରମ୍ପରିକ ଖାଦ୍ୟ ହେବା ସହିତ ଏହା ଆମ ସ୍ୱାସ୍ଥ୍ୟ ପାଇଁ ବେଶ ଉପଯୋଗୀ ବୋଲି କହିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ପ୍ରଧାନ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡକ୍ଟର ଲକ୍ଷ୍ମୀପ୍ରିୟା ପ୍ରଧାନ, ବରିଷ୍ଠ ବୈଜ୍ଞାନିକ ଡକ୍ଟର ସଞ୍ଜୀବ ବିଶ୍ୱାସୀ, ଉଦ୍ୟାନ ବିଭାଗ ଅଧିକାରୀ ସୁକାନ୍ତ ଦାଶ, ରଶ୍ମି ଲତା ବେହେରା, ସୁବୋଧ ତନୟ ପାଣିଗ୍ରାହୀ, ନରେଶ ମହାନନ୍ଦ, ସିଦ୍ଧାର୍ଥ ସ୍ୱରୂପ ଜେନା ପ୍ରମୁଖ ଯୋଗଦେଇ ମାଣ୍ଡିଆ ଚାଷୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମାଣ୍ଡିଆ ଚାଷୀଙ୍କୁ ସମ୍ମାନ, ମାଣ୍ଡିଆରେ ପ୍ରସ୍ତୁ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା।

# ଏନ୍‌ଟିପିସି ଦର୍ଲିପାଲିରେ ୫୧ତମ ପ୍ରତିଷ୍ଠା ଦିବସ

ସୁନ୍ଦରଗଡ,୭।୧୧(ଜୟ ନାରାୟଣ ମେଣ୍ଡୁଲି)



ଅଧିକାରୀ ଓ କର୍ମଚାରୀମାନେ କେକ କାଟୁଛନ୍ତି।

ଏନ୍‌ଟିପିସି ଦର୍ଲିପାଲି ଏହାର ୫୧ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳନ କରିଛି। ଏନ୍‌ଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ଫୈଜ ତୈୟବ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏନ୍‌ଟିପିସି ପତାକା ଉତ୍ତୋଳନ, ଏନ୍‌ଟିପିସି ଗୀତ ଗାନ ଏବଂ ସିଆଇଏସଏଫ ପରେଡ ସହିତ ଏହି ଉତ୍ସବ ଆରମ୍ଭ ହୋଇଥିଲା। ଏହା ପରେ ଏକ କେକ କାଟି ପ୍ରକଳ୍ପ ମୁଖ୍ୟ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ସେ ତାଙ୍କ ପ୍ରେରଣାଦାୟକ ଅଭିଭାଷଣରେ ଏହି ଷ୍ଟେଶନର ସଫଳତାକୁ ପ୍ରଶଂସା କରିଥିଲେ ଏବଂ ସମସ୍ତ କର୍ମଚାରୀଙ୍କୁ ସମର୍ପଣ, ନବସୃଜନ ଏବଂ ଉତ୍କର୍ଷତା ହାସଲ କରିବା ସହିତ କାମ ଜାରି ରଖିବାକୁ ଅନୁରୋଧ କରିଥିଲେ। ସେ ଏନ୍‌ଟିପିସିର ଗୌରବମୟ ପାଞ୍ଚ ଦଶକର ଯାତ୍ରା ଏବଂ ଦେଶର ଶକ୍ତି କ୍ଷେତ୍ର ଏବଂ ରାଷ୍ଟ୍ର ନିର୍ମାଣରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରିଥିଲେ। ଶେଷରେ ସେ କର୍ମଯୋଗୀ ପ୍ରଶିକ୍ଷକ ଏବଂ ସ୍ୱାସ୍ଥ୍ୟ ଚାମ୍ପିୟାନମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରବିନ୍ଦ୍ର ଶର୍ମା (ସାଧାରଣ ପରିଚାଳକ – ପରିଚାଳନା ଏବଂ ରକ୍ଷଣାବେକ୍ଷଣ), ଇପିଲ ବାଗେ (ସାଧାରଣ ପରିଚାଳକ – ପରିଚାଳନା ଏବଂ ଇନ୍ଧନ ପରିଚାଳନା), ରାଧେଶ୍ୟାମ ମୌର୍ଯ୍ୟ (ସାଧାରଣ ପରିଚାଳକ – ରକ୍ଷଣାବେକ୍ଷଣ ଏବଂ ପାଉଁଶ ପରିଚାଳନା), ପ୍ରତିଭା ସିଂହ (ମୁଖ୍ୟ – ମାନବ ସମ୍ବଳ), ସମସ୍ତ ବିଭାଗୀୟ ମୁଖ୍ୟ, ଦର୍ଲିପାଲି କର୍ମଚାରୀ ସଂଘର ପ୍ରତିନିଧି ଏବଂ ଏନ୍‌ଟିପିସି ଦାର୍ଲିପାଲି କର୍ମଚାରୀମାନେ ଉପସ୍ଥିତ ଥିଲେ। ଏନ୍‌ଟିପିସି କର୍ପୋରେଟ ସେଣ୍ଟରରୁ ଅଧକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଗୁରଦୀପ ସିଂହଙ୍କ ବାର୍ତ୍ତାର ସିଧା ପ୍ରସାରଣ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏନ୍‌ଟିପିସିର ସୁବର୍ଣ୍ଣ ଜୟନ୍ତୀରେ ସମସ୍ତ ଷ୍ଟେଶନକୁ ସମ୍ବୋଧିତ କରି ସେ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପୂର୍ବାହ୍ନରେ ଏଜିଏମ (ପରିବେଶ)ଙ୍କ ନେତୃତ୍ୱରେ ଏକ ସାମୂହିକ ଚାରା ରୋପଣ ଅଭିଯାନ ଆୟୋଜନ କରାଯାଇଥିଲା। ଯେଉଁଥିରେ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏମଜିଆର ରେଳ ଲାଇନ ନିକଟରେ ପ୍ରାୟ ୨୦୦୦ ଚାରା ରୋପଣ କରାଯାଇଥିଲା। ପ୍ରତିଷ୍ଠା ଦିବସ ପାଳନ ପରେ କର୍ପୋରେଟ ସାମାଜିକ ଦାୟିତ୍ୱ ପଦକ୍ଷେପ ଅଧୀନରେ ଶୁଭ୍ରଜ୍ୟୋତି ନଗର ସ୍ୱାଗତ ଫାଟକରେ ଏକ କ୍ରାସ ହେଲମେଟ ବଣ୍ଟନ ଅଭିଯାନ ଆୟୋଜନ କରାଯାଇଥିଲା। ପ୍ରକଳ୍ପ ମୁଖ୍ୟ ଫୈଜ ତୈୟବ ବାଇକ ଆରୋହୀମାନଙ୍କୁ ହେଲମେଟ ବଣ୍ଟନ କରିଥିଲେ। ଯାହା ସଡ଼କ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିଥିଲା। ଏହି ପଦକ୍ଷେପ କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସୁରକ୍ଷିତ ଟ୍ରାଫିକ ଆଚରଣକୁ ଉତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ଏନ୍‌ଟିପିସି ଦାର୍ଲିପାଲିରେ ୫୧ତମ ପ୍ରତିଷ୍ଠା ଦିବସ ପାଳନ ସଙ୍ଗଠନର ଉତ୍କର୍ଷତା, ସ୍ଥାୟୀତ୍ୱ ଏବଂ ସୁରକ୍ଷା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଯେତେବେଳେ ଦେଶକୁ ଶକ୍ତି ପ୍ରଦାନ କରିବାରେ ଏହାର ପାଞ୍ଚ ଦଶନ୍ଧିର ଗର୍ବିତ ସେବାକୁ ସମ୍ମାନିତ କରିଥିଲା ବୋଲି ପ୍ରକଳ୍ପର ମାନବ ସମ୍ବଳ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି।

# ରାସ୍ତାପାର୍ଶ୍ୱକୁ ଖସିଲା ବସ୍

ଦେବଗଡ଼,୭।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌରାଞ୍ଚଳ ଅଧୀନ ଆମ୍ବେଦକର ଛକ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଏକ ନାଇଟ୍ କୋଚ୍ ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇଛି। ହେଲେ ବସ୍ ଚାଳକ ଓ ଯାତ୍ରୀମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସୂଚନା ଅନୁଯାୟୀ, ବାଲେଶ୍ୱରରୁ ଝାରସୁଗୁଡ଼ା ଯାଉଥିବା 'ଖୁସି' ନାମକ ଏକ ବସ(ନଂ. ଓଡି୧୧ଏଲ- ୩୭୪୧) ଶୁକ୍ରବାର ଭୋର ପ୍ରାୟ ୪ଟା ୩୦ ମିନିଟ୍‌ରେ ଆମ୍ବେଦକର ଛକ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ପହଞ୍ଚିଥିଲା। ହେଲେ ଏହି ସମୟରେ ଚାଳକ ଭାରସାମ୍ୟ ହରାଇବାରୁ ବସ୍‌ଟି ରାସ୍ତାପାର୍ଶ୍ୱକୁ ପଶିଯାଇଥିଲା। ତେବେ ରାସ୍ତାପାର୍ଶ୍ୱରେ ବହୁ ସଂଖ୍ୟକ ଛୋଟବଡ ଗଛ ରହିଥିବାରୁ ବସ୍‌ଟି ସେଥିରେ ପିଟିହୋଇ ଅଟକି ଯାଇଥିଲା। ଦୁର୍ଘଟଣା ପରେ ଯାତ୍ରୀମାନଙ୍କୁ ଅନ୍ୟ ବସ୍‌ରେ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ପଠାଇ ଦିଆଯାଇଥିଲା। ଦେବଗଡ ପୋଲିସ ଉକ୍ତ ବସ୍ ଜବତ କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ବେଟି ବଚାଓ, ବେଟି ପଢାଓ କାର୍ଯ୍ୟକ୍ରମ

ବଡ଼ଗାଁ,୭।୧୧(ଅଶୋକ ଷଡଙ୍ଗୀ) : ଆଇସିଡିଏସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବେଟି ପଢାଓ ବେଟି ବଚାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଇଓ ସ୍ନିଗ୍ଧା ରାଣୀ ମହାପାତ୍ର, ବିଶେଷଜ୍ଞ ସ୍ୱାଧନ ପଟେଲ, ସୂର୍ଯ୍ୟକୁମାର ନାଏକ ଯୋଗଦେଇ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଅତିଥି ଭାବରେ ବଡ଼ଗାଁ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, ତହସିଲଦାର ଝରଣା ପ୍ରଧାନ, ଏମ୍‌ପି ପ୍ରତିନିଧି ଶିଶିର ରାଉତରାୟ, ସରପଞ୍ଚ ଯୁଧିଷ୍ଠିର ବାଡ଼ା, ଯୋଗେନ୍ଦ୍ର କିଷାନ, ମହେଶ୍ୱର ବରିହାଙ୍କ ସହିତ ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚମାନେ ଅଂଶଗ୍ରହଣ କରିଥିଲେ। ଶିଶୁ କନ୍ୟାର ସୁରକ୍ଷା ଓ ଶିକ୍ଷା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା।

# ସ୍କାଉଟ, ଗାଇଡ ପ୍ରତିଷ୍ଠା ଦିବସ

ବଡ଼ଗାଁ,୭।୧୧(ଅଶୋକ ଷଡଙ୍ଗୀ )

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ ) ରେ ଥିବା ସ୍କାଉଟ ଗାଇଡ଼ ରାଜ୍ୟ ତାଲିମ କେନ୍ଦ୍ରର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶୁକ୍ରବାର ଭାରତ ସ୍କାଉଟ ଗାଇଡ଼ର ୭୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବଡ଼ଗାଁର ଦୋକାନୀ, ବିଶିଷ୍ଟ ବ୍ୟକ୍ତିଙ୍କୁ ସ୍କାଉଟ ବ୍ୟାଚ ଲଗାଇବା ସହିତ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଯାଇ ବିଭାଗୀୟ ଅଧିକାରୀଙ୍କୁ ସ୍କାଉଟ ଗାଇଡ଼ର ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧରେ ଏବଂ ପ୍ରତିଷ୍ଠା ଦିବସ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବଡ଼ଗାଁ ଥାନା ଅତିରିକ୍ତ ଆଇଆଇସି ଖଗପତି ବିଶାଳ, ତହସିଲଦାର ଝରଣା ପ୍ରଧାନ, ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, ସିଡିପିଓ ସୁଜାତା ବେଗ, ଏମ୍‌ପି ପ୍ରତିନିଧି ଶିଶିର ରାଉତରାୟ ପ୍ରମୁଖ ବ୍ୟକ୍ତିଙ୍କୁ ସାକ୍ଷାତ କରିଥିଲେ। ରେଞ୍ଜର ଲିଡର ସରିତା କମାର, ରୋଭର ଲିଡର ସୌରଭ ପଣ୍ଡା, ସିନିୟର ରେଞ୍ଜର ତୃପ୍ତି ବଡେକ, ମଧୁସ୍ମିତା ସାମାଦ ଓ କେନ୍ଦ୍ରର ସମସ୍ତ ସ୍କାଉଟ ଗାଇଡ଼ ଛାତ୍ରୀଛାତ୍ରମାନେ ପ୍ରତିଷ୍ଠା ଦିବସରେ ଅଂଶଗ୍ରହଣ କରିଥିଲେ।


ସ୍କାଉଟ, ଗାଇଡ ଛାତ୍ରମାନେ।

# ସୃଜନାତ୍ମକ ପ୍ରତିଭାର ପରିସ୍ଫୁଟନ ପାଇଁ ସୁରଭି ଶ୍ରେଷ୍ଠ ମାଧ୍ୟମ

**ଜିଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଅନୁଷ୍ଠିତ**

ସୁନ୍ଦରଗଡ,୭।୧୧(ଜୟ ନାରାୟଣ ମେଣ୍ଡୁଲି)

ଛାତ୍ରୀଛାତ୍ରମାନେ ପାଠ ପଢା ସହିତ ନିଜର ବିଭିନ୍ନ ସୃଜନାତ୍ମକ ପ୍ରତିଭାର ବିକାଶ ପାଇଁ ଚେଷ୍ଟିତ ହେବା ଆବଶ୍ୟକ। ସୃଜନାତ୍ମକ ବିକାଶ ଦ୍ୱାରା ଭବିଷ୍ୟତରେ ସେମାନେ ସୁନାମ ଅର୍ଜନ କରି ଦେଶ ତଥା ଜାତିର ଗୌରବ ବୃଦ୍ଧି କରିବାକୁ ସକ୍ଷମ ହୋଇପାରିବେ ବୋଲି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ସ୍ଥାନୀୟ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଜିଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି- ୨୦୨୫ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଓରାମ ଏହା କହିବା ସହିତ ଛାତ୍ରୀଛାତ୍ରଙ୍କ ସୃଜନାତ୍ମକ ପ୍ରତିଭାର ପରିସ୍ଫୁଟନ ପାଇଁ ସୁରଭି ଶ୍ରେଷ୍ଠ ମାଧ୍ୟମ ବୋଲି କହିଛନ୍ତି। ସମ୍ମାନୀତ ଅତିଥିଭାବେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ଦିଗରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ଜିଲା ଆଦିବାସୀ ଶିକ୍ଷା ସଂଯୋଜକ ଡ. ଦୀପକ କୁମାର ଦାସଙ୍କ ସଂଯୋଜନାରେ ଜିଲାର ୧୭ଟି ବ୍ଲକରୁ ୬୬୬ ଜଣ ପ୍ରତିଯୋଗୀ ୧୩ଟି ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଉପସ୍ଥିତି ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲା ଶିକ୍ଷା ଅଧିକାରୀ ସ୍ୱାଗତ ଭାଷଣ ଦେଇ ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ କୁନିକୁନି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉପସ୍ଥିତ ଅତିଥିମାନେ ଶିକ୍ଷାରେ କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଭାଗିଦାରୀକୁ ପ୍ରଶଂସା କରିବା ସହ ପୁସ୍ତକ ପଠନ ପ୍ରତି ଆଗ୍ରହ ବୃଦ୍ଧି କରିବା ପାଇଁ ପ୍ରେରଣା ଯୋଗାଇ ଥିଲେ। ଅମାତ୍ୟ ପ୍ରଧାନ, କବିତା ଦାସ, ରାଜେନ୍ଦ୍ର ପାତ୍ର, ସରମିଳା ପାଢ଼ୀ, ଅମିତ ଖମାରୀଙ୍କ ସହିତ ଅନୁରାଗ, ହେମଲତା, ସଞ୍ଜନା, ପ୍ରାର୍ଥନା, ଅନୁରାଗ ପଟ୍ଟନାୟକ ଓ ଅନୁରାଗ ଯାଦବ ଆଦି କୁନିକୁନି ପିଲାମାନେ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ରାଜ୍ୟସ୍ତରକୁ ମନୋନୀତ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସମଗ୍ର ଶିକ୍ଷାର ବିତ୍ତ ପରାମର୍ଶ ଦାତା ରାଜେନ୍ଦ୍ର ପାତ୍ର, ଅନ୍ତର୍ନିର୍ବେଶୀ ଶିକ୍ଷା ସଂଯୋଜକ ଅମାତ୍ୟ ପ୍ରଧାନ, ବରିଷ୍ଠ ବୈଷୟିକ ପରାମର୍ଶ ଦାତା ବିଶ୍ୱମନୋହର ସୁବୁଦ୍ଧି,ଶର୍ମିଳା ପାଢ଼ୀ, ସଞ୍ଜୀବ ନାଏକ, ଅରୁଣ ସାହୁ, ସ୍ୱାଗତିକା ପଣ୍ଡା, ଅନିତା ଦାସ, ସସ୍ମିତା ହୋତା କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ରହିଥିଲେ। କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ଏମ୍‌ପି ଜୁଏଲ ଓରାମ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଆମେରିକାର ସିଆଟେଲରେ ମୁଖରିତ ହେଲା ଆ,କା, ମା,ବୈ


ପ୍ରବାସୀମାନେ ଡଙ୍ଗା ଭସାଉଛନ୍ତି।

ସୁନ୍ଦରଗଡ,୭।୧୧(ଜୟ ନାରାୟଣ ମେଣ୍ଡୁଲି)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୁଦୂର ଆମେରିକାର ସିଆଟେଲ ସହରରେ ଥିବା ପ୍ରବାସୀ ଓଡ଼ିଆ ମାନେ ଏକାଠି ହୋଇ ଓଡିଶା ର ଅତୀତର ନୌବାଣିଜ୍ୟ ସ୍ମୃତିକୁ ମନେ ପକାଇ ଡଙ୍ଗା ଭସା ପର୍ବ ପାଳନ କରିଛନ୍ତି। ବଥେଲ ସହରେ ରହିଥିବା ଭାରତୀୟ ପ୍ରବାସୀମାନେ ନିକଟସ୍ଥ ଜଗନ୍ନାଥ ମନ୍ଦିର ପରିସରରେ ଏହି ପର୍ବ ଆନନ୍ଦ ଉଲ୍ଲାସର ସହ ପାଳନ କରିଛନ୍ତି। ବାହାର ଦେଶରେ ରହି ନିଜର କର୍ତ୍ତବ୍ୟ ସମ୍ପାଦନ ସହ ସେମାନଙ୍କ ମଧ୍ୟରେ ଏକତା ମନୋଭାବ ତଥା ଭାରତୀୟ ପରମ୍ପରାର ଏହା ଏକ ଜ୍ୱଳନ୍ତ ଉଦାହରଣ। ଏହି ଓଡ଼ିଆ ପରିବାର ସମେତ ପ୍ରବାସୀ ଭାରତୀୟମାନେ ଏକାଠି ହୋଇ ରଙ୍ଗ ବେରଙ୍ଗର ଡଙ୍ଗା ଭସାଇ ନାଚ,ଗୀତ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଡଙ୍ଗା ଭସା ପର୍ବ ପାଳନ କରିଥିଲେ। ସମସ୍ତେ ଆ,କା,ମା,ବୈ କହି ଡଙ୍ଗା ଭସାଇଥିଲେ। ଅତୀତରେ ସାଧବ ପୁଅମାନେ ବାଣିଜ୍ୟ କରିବା, ବୋଇତରେ ସୁଦୁର ଅନ୍ୟଦେଶକୁ ଯାଇ ଧନରତ୍ନ ସହ ଫେରି ଆସୁଥିଲେ। ସେହି ଅତୀତର ପରମ୍ପରାକୁ ନୂତନ ପିଢ଼ି ମଧ୍ୟରେ ବଞ୍ଚାଇ ରଖିବା ପାଇଁ ପ୍ରବାସରେ ରହି ମଧ୍ୟ ଏହି ଓଡ଼ିଆ ଭଉଣୀମାନେ ଏହି ପର୍ବକୁ ପ୍ରତିବର୍ଷ ପାଳନ କରି ଆସୁଥିବା କହିଛନ୍ତି। ଓଡ଼ିଆ ପ୍ରବାସୀ ସନ୍ତୋଷ ଦାସ, ବିଶ୍ୱ ବେହେରା, ଆଲୋକ ମହାପାତ୍ର, ବିକାଶ ବେହେରା, ବିଶ୍ୱଜୀତ ଜେନା, ପ୍ରସନ୍ନଜୀତ, ଅମୂଲ୍ୟ ଦାସ , ବିନ୍ଦୁ ଓପ୍ରବୀଣଙ୍କ ପରିବାରର ତତ୍ତ୍ୱାଧାନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା।

केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
| --- | --- | --- | --- |
| **ଅଡଶପୁର ଶାଖା** (୧)ଶ୍ରୀମତୀ ମିଲି ସ୍ୱାଇଁ (ଋଣଗ୍ରହୀତା ଏବଂ ବନ୍ଧକଦାତା), ସ୍ୱା: ଶ୍ରୀ କୈଳାଶ ସ୍ୱାଇଁ, (୨)ଶ୍ରୀ କୈଳାଶ ସ୍ୱାଇଁ (ଋଣଗ୍ରହୀତା), ପିତା: ଶ୍ରୀ ବୃନ୍ଦାବନ ସ୍ୱାଇଁ, ଉଭୟଙ୍କ ଠିକଣା: ସା/ପୋ.- ଅଡଶପୁର, ଥାନା: ଓଲଟପୁର, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୦୧୧ । | (କ)ଟ.୫,୦୦,୦୦୦/- / (ଖ) ୦୫.୧୧.୨୦୨୫ / (ଗ) ୦୬.୧୧.୨୦୨୫ | ୦୬.୧୧.୨୦୨୫ ସୁଦ୍ଧା ଟ.୧,୭୭,୬୦୩.୪୭ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ଶ୍ରୀମତୀ ମିଲି ସ୍ୱାଇଁ ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୭୬୯/୬୮୭୩, ମ୍ୟୁଟେସନ ଖାତା ନଂ.୧୧୮୭/୬୬୯, ମୌଜା: ଅଡଶପୁର, ଥାନା: ଓଲଟପୁର, ତହସିଲି: କଣ୍ଟାପଡା, ଏରିଆ: ଏ୦.୦୬୦ ଡିସିମିଲି, କିସମ: ଘରବାରୀ, ଉପକିଲ୍ଲା: ନିଆଳି ରେ ରେଜିଷ୍ଟ୍ରିଭୁକ୍ତ, ଜିଲ୍ଲା: କଟକ, ଚାରିପାର୍ଶ୍ୱରେ: ଉତ୍ତର- ଉର୍ବଜ ଜେନା, ଦକ୍ଷିଣ- ପବନି ନାୟକ, ପୂର୍ବ- ରଘୁନାଥ ବିଶ୍ୱାଳ, ପଶ୍ଚିମ- ରାସ୍ତା । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୦୭.୧୧.୨୦୨୫, ସ୍ଥାନ: କଟକ

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ସଂକ୍ଷେପରେ

### ସମସ୍ୟା ସମାଧାନ ପାଇଁ ଦାବି

ବ୍ରଜରାଜନଗର, ୭।୧୧ (ବିଜୟ ବରାଡ଼)– ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା କୁଡୋପାଳି ପଞ୍ଚାୟତ ଅଧୀନ ଓରାମପଡ଼ା ଗ୍ରାମରେ ଅନେକ ସମସ୍ୟା ରହିଛି। ଏଥିଯୋଗୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟା ସମାଧାନ ପାଇଁ ପୂର୍ବରୁ ବିଭିନ୍ନ ମହଲରେ ଅଭିଯୋଗ ହୋଇଥିଲେ ମଧ ଏପର୍ଯ୍ୟନ୍ତ ସୁଫଳ ମିଳିପାରିନାହିଁ। ଫଳରେ ସମିତିସଭ୍ୟା ସସ୍ମିତା ପ୍ରଧାନ ଶୁକ୍ରବାର ଏ ସମ୍ପର୍କରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୂଚନା ଅନୁଯାୟୀ, ଓରାମପଡ଼ା ଗ୍ରାମକୁ ଭଲ ରାସ୍ତା ନାହିଁ। ଫଳରେ ଲୋକମାନେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଏଠାରେ ପ୍ରଦୂଷଣ ବୃଦ୍ଧି ପାଉଛି। ଏଥିସହ ଉକ୍ତ ଗ୍ରାମରେ ବିକାଶମୂଳକ କାର୍ଯ୍ୟ କରାଯାଉନାହିଁ। ତୁରନ୍ତ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସମିତି ସଭ୍ୟା ଦାବି କରିଛନ୍ତି।

### ରାସ୍ତାପାର୍ଶ୍ୱକୁ ଖସିଲା ବସ୍

ଦେବଗଡ଼,୭।୧୧(ଶଶାଙ୍କ ଶେଖର ଝାଙ୍କର)– ଦେବଗଡ଼ ପୌରାଞ୍ଚଳ ଅଧୀନ ଆମ୍ବେଦକର ଛକ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଏକ ନାଇଟ୍ କୋଚ୍ ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇଛି। ହେଲେ ବସ୍ ଚାଳକ ଓ ଯାତ୍ରୀମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସୂଚନା ଅନୁଯାୟୀ, ବାଲେଶ୍ୱରରୁ ଝାରସୁଗୁଡ଼ା ଯାଉଥିବା 'ଖୁସି' ନାମକ ଏକ ବସ(ନଂ. ଓଡି୧ଏଲ–୩୭୪୧) ଶୁକ୍ରବାର ଭୋର ପ୍ରାୟ ୪ଟା ୩୦ ମିନିଟ୍‌ରେ ଆମ୍ବେଦକର ଛକ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ପହଞ୍ଚିଥିଲା। ହେଲେ ଏହି ସମୟରେ ଚାଳକ ଭାରସାମ୍ୟ ହରାଇବାରୁ ବସ୍‌ଟି ରାସ୍ତାପାର୍ଶ୍ୱକୁ ପଶିଯାଇଥିଲା। ତେବେ ରାସ୍ତାପାର୍ଶ୍ୱରେ ବହୁ ସଂଖ୍ୟକ ଛୋଟବଡ ଗଛ ରହିଥିବାରୁ ବସ୍‌ଟି ସେଥିରେ ପିଟିହୋଇ ଅଟକି ଯାଇଥିଲା। ଦୁର୍ଘଟଣା ପରେ ଯାତ୍ରୀମାନଙ୍କୁ ଅନ୍ୟ ବସ୍‌ରେ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ପଠାଇ ଦିଆଯାଇଥିଲା। ଦେବଗଡ ପୋଲିସ ଉକ୍ତ ବସ୍ ଜବତ କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ମାଣ୍ଡିଆରେ ଉପାଦେୟ ଗୁଣ ରହିଛି

## ଜିଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ

ଦେବଗଡ଼,୭।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲା କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ ମାଣ୍ଡିଆ ଦିବସ, ଖାଦ୍ୟ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ର ଶେଖର ଭୁକ୍ତା, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ବୈଜ୍ଞାନିକ ସବ୍ୟସାଚୀ ସାହୁ ଯୋଗଦେଇଥିଲେ। ମାଣ୍ଡିଆ ଭଳି ଏକ ପୁଷ୍ଟିକର ଖାଦ୍ୟ ଲୋକଙ୍କ ଭିତରେ ଆହୁରି ଆଦୃତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କରିବା ଲକ୍ଷ୍ୟରେ ରାଜ୍ୟ ସରକାର ପ୍ରତି ଜିଲାରେ ଏହି ଦିବସକୁ ପାଳନ କରୁଛନ୍ତି। ମାଣ୍ଡିଆରେ ବହୁ ଉପାଦେୟ ଗୁଣ ଭରି ରହିଛି। ମାଣ୍ଡିଆ ଚାଷକୁ ଏକ ଉତ୍ତମ ଜୀବନଜୀବିକା ମାଧ୍ୟମ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। କେବଳ ଆଦିବାସୀ କିମ୍ବା ପାହାଡି ଅଞ୍ଚଳରେ ନୁହେଁ ବରଂ ମାଣ୍ଡିଆକୁ ସମସ୍ତେ ବ୍ୟବହାର କରିବା କଥା ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଉତ୍ତମ ମାଣ୍ଡିଆ କୃଷକ ମହାରଙ୍ଗି କିଷାନ, ଉତ୍ତମ ସ୍ୱୟଂ ସହାୟକ ଗୋଷ୍ଠୀ ମାଣ୍ଡିଆ ମା' ମରୀୟମ ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ତମ ଓ ଭାରତୀ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ତିଲେଇବଣି ବ୍ଲକର ଏଟିଏଫ୍ ସ୍ନିଗ୍ଧା ଶ୍ରୀ ଅନୁପ୍ରଭା କାର୍ଯ୍ୟକ୍ରମ ସଂଯୋଜନା ଓ ତିଲେଇବଣି ବ୍ଲକ କୃଷି ଅଧିକାରୀ ମନୋଜ କୁମାର ମାରାଣ୍ଡି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନେଇ ଜିଲାସ୍ତରୀୟ ଶ୍ରୀଅନ୍ନ ବ୍ୟଞ୍ଜନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନୀ କରାଯାଇଥିଲା। କୃଷି ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅନୁମତି ନେଇ ହୋର୍ଡିଂ ଲଗାନ୍ତୁ

## ବିଭିନ୍ନ ରାଜନୈତିକ ଦଳର ସଭାପତିଙ୍କୁ ଚିଠି ଲେଖିଲା ପୌର ପରିଷଦ

ଝାରସୁଗୁଡ଼ା, ୭।୧୧(ଆଶିଷ ରଞ୍ଜନ ଦାଶ)

ଏଣିକି ଝାରସୁଗୁଡ଼ା ପୌରାଞ୍ଚଳର ଯେକୌଣସି ସ୍ଥାନରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିଜ୍ଞାପନ କିମ୍ବା ହୋର୍ଡିଂ ଲଗାଗଲେ ପୌର କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେବାକୁ ପଡିବ। ଏନେଇ ପୌର ପରିଷଦ ପକ୍ଷରୁ ଶୁକ୍ରବାର ଝାରସୁଗୁଡ଼ା ଜିଲାର ସମସ୍ତ ରାଜନୈତିକ ଦଳର ସଭାପତିଙ୍କୁ ଚିଠି ଲେଖାଯାଇଛି। ସୂଚନା ଅନୁଯାୟୀ, ଏହି ପୌରାଞ୍ଚଳରେ ହୋର୍ଡିଂ ଲଗାଯିବା ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଏକ ପ୍ରକାରର ପ୍ରତିଯୋଗିତା ଦେଖିବାକୁ ମିଳିଥାଏ। ସେହିପରି ଅନେକ ସମୟରେ ପୌର କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ମଧ ହୋର୍ଡିଂ ଲଗାଯାଉଛି। ହେଲେ ଏବେ ଏଥିରେ ରୋକ୍ ଲଗାଯାଇଛି। ପୌର ପରିଷଦ ଆଇନ ୧୯୫୦ ଅନୁସାରେ ପୌରାଞ୍ଚଳରେ କୌଣସି ହୋର୍ଡିଂ, ବିଜ୍ଞାପନ ବ୍ୟାନର ଆଦି ଲଗାଗଲେ ପୌର ପରିଷଦର ଅନୁମତି ନେବା ନିହାତି ଆବଶ୍ୟକ। ନଚେତ୍ ଏହା ଆଇନ ଉଲ୍ଲଂଘନ କାର୍ଯ୍ୟ ବୋଲି ଧରାଯିବ। ପୌରାଞ୍ଚଳରେ ହୋର୍ଡିଂ ଲଗାଇବାକୁ ହେଲେ ଭାଜପା, ବିଜେଡି, କଂଗ୍ରେସ, ଆପ୍, ବିଏସ୍‌ପି, ସିପିଏମ୍ ଏବଂ ଅନ୍ୟ ରାଜନୈତିକ ଦଳର ଜିଲା ସଭାପତିଙ୍କୁ ଅନୁମତି ନେବାକୁ ପଡିବ ବୋଲି ପୌର ପରିଷଦ ପକ୍ଷରୁ ଚିଠି ନମ୍ବର ୪୩୧୧ରେ ଦର୍ଶାଯାଇଛି। ଯଦି କୌଣସି ଦଳ ବିନା ଅନୁମତିରେ ହୋର୍ଡିଂ, ବିଜ୍ଞାପନ ଆଦି ଲଗାନ୍ତି, ତା'ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଆଗାମୀ ଦିନରେ ପୌରାଞ୍ଚଳରେ ହୋର୍ଡିଂ ଲଗାଇବା ପାଇଁ ଯେପରି ବିଶୃଙ୍ଖଳା ନ ହେବ, ସେଥିପାଇଁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ କହିଛନ୍ତି।

# ସଚେତନ ହେଲେ ସାଇବର ଅପରାଧ ରୋକିହେବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ ଛାତ୍ରୀ।

## ସାଇବର ସୁରକ୍ଷା ଅଭିଯାନ

ଦେବଗଡ଼,୭।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଶୁକ୍ରବାର ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ଅନିଲ କୁମାର ମିଶ୍ର ଅଧ୍ୟକ୍ଷତା କରି କହିଛନ୍ତି, ଡିଜିଟାଲ ଯୁଗରେ ସାଇବର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଛି। ଏହା କେବଳ ସରକାର କିମ୍ବା ପୋଲିସର ଦାୟିତ୍ୱ ନୁହେଁ, ପ୍ରତ୍ୟେକ ନାଗରିକ ମଧ ସଚେତନ ରହିବା ଓ ଅନ୍‌ଲାଇନ୍ ତଥ୍ୟ ସୁରକ୍ଷିତ ରଖିବା ଦରକାର। ସାଇବର ଅପରାଧୀ ବିଭିନ୍ନ ନୂତନ ଉପାୟରେ ଲୋକଙ୍କୁ ଠକୁଛନ୍ତି। ତେଣୁ ବ୍ୟାଙ୍କ ଖାତା, ଆଧାର ନମ୍ବର, ଓଟିପି, ପାସ୍‌ୱାର୍ଡ ଭଳି ଗୁପ୍ତ ତଥ୍ୟ କାହାକୁ ଦେବା ଉଚିତ୍ ନୁହେଁ। ଏଭଳି ସଚେତନତା କାର୍ଯ୍ୟକ୍ରମ ଗ୍ରାମସ୍ତର ପର୍ଯ୍ୟନ୍ତ ପହଞ୍ଚାଇବାକୁ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି କହିଛନ୍ତି। ସେହିପରି ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ କହିଛନ୍ତି, ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କଲେ ସାଇବର ଅପରାଧ ରୋକିହେବ। କୌଣସି ବ୍ୟକ୍ତି ସାଇବର ଠକେଇର ଶିକାର ହେଲେ ପୋଲିସକୁ ଯୋଗାଯୋଗ କରିବା ସହ ହେଲ୍ପଲାଇନ୍ ନମ୍ବର–୧୯୩୦କୁ ଫୋନ୍ କରନ୍ତୁ ବୋଲି ବିଲୁଙ୍ଗ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ପରକ୍ଷିତ ସାହୁ, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚପରଦାର, ଏସିଏଫ୍ ସ୍ୱାଧୀନତା ସାହାଣୀ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲା କ୍ରୀଡ଼ା ଅଧିକାରୀ ତାପସ କୁମାର ମହନ୍ତ, ସହକାରୀ ଜିଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, ଶିଶିର କୁମାର ଷଡ଼ଙ୍ଗୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ପୋଲିସ ବିଭାଗ, ଗଣମାଧ୍ୟମ ପ୍ରତିନିଧି, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପୂର୍ତ୍ତି ପାଳନ ଅବସରରେ ସାମୂହିକ ଗାନ କାର୍ଯ୍ୟକ୍ରମ

ଦେବଗଡ଼,୭।୧୧(ଶଶାଙ୍କ ଶେଖର ଝାଙ୍କର)– ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟର ଦ୍ୱିତୀୟ ମହଲା ଟ୍ରେନିଂ ହଲ୍‌ଠାରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ରଚିତ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପୂର୍ତ୍ତି ଶୁକ୍ରବାର ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ୍, ଉପଜିଲାପାଳ ପରକ୍ଷିତ ସାହୁ, ଏସିଏଫ୍ ସ୍ୱାଧୀନତା ସାହାଣୀ ଯୋଗଦେଇଥିଲେ। ଏହି ଅବସରରେ 'ବନ୍ଦେ ମାତରମ୍' ଗାନ କରାଯାଇଥିଲା। ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟ ସିଧା ପ୍ରସାରଣ କରାଯାଇଥିଲା। ଜିଲାସ୍ତରରେ ଆୟୋଜିତ ପ୍ରବନ୍ଧ, ଜଣାଅଜଣା, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବରିଷ୍ଠ ନାଗରିକ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଥାନାଧିକାରୀଙ୍କୁ ସମ୍ବର୍ଦ୍ଧିତ କଲେ ଭାଜପା ନେତୃବୃନ୍ଦ


ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରଜରାଜନଗର, ୭।୧୧ (ବିଜୟ ବରାଡ଼)

ବ୍ରଜରାଜନଗର ଥାନା ପରିସରରେ ଭାଜପା ପକ୍ଷରୁ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଇଛି। ଭାଜପା ମଣ୍ଡଳ ସଭାପତି ତପନ ସ୍ୱାଇଁଙ୍କ ନେତୃତ୍ୱରେ ଦଳୀୟ ନେତୃବୃନ୍ଦ ଓ କର୍ମୀ ଏକତ୍ରିତ ହୋଇ ପୋଲିସ କର୍ମଚାରୀଙ୍କ ସହିତ ବନ୍ଦେ ମାତରମ୍ ଗାନ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଦକ୍ଷତା ପୁରସ୍କାର ମିଳିଛି। ଏଥିପାଇଁ ଥାନା ପରିସରରେ ତାଙ୍କୁ ଭାଜପା ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ଭାଜପା ପକ୍ଷରୁ ସଲିଲ ଝା, ଅମରେନ୍ଦ୍ର ରାୟ, ଗୋପୀନାଥ ଦାଶ, ଜିତେନ୍ଦ୍ର ପଟ୍ଟନାୟକ, ବିଜୟ ରଣବିଡା, ଗାୟତ୍ରୀ ପଣ୍ଡା, ପ୍ରଦୀପ ନାଥଶର୍ମା, ସୁଜିତ୍ ସାହୁ, ଭାରତୀ ବାରିକ, ପ୍ରତିଭା ପତି, ରଚନା ଅଗ୍ରୱାଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### କୁଷ୍ଠରୋଗ ନିରାକରଣ ପାଇଁ ଜିଲା ସମନ୍ୱୟ କମିଟି ବୈଠକ

ଝାରସୁଗୁଡ଼ା, ୭।୧୧(ଆଶିଷ ରଞ୍ଜନ ଦାଶ)–ଝାରସୁଗୁଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ କୁଷ୍ଠରୋଗ ନିରାକରଣ ଏବଂ ଜାତୀୟ କୁଷ୍ଠରୋଗ ଚିହ୍ନଟ ଅଭିଯାନ ନିମନ୍ତେ ଜିଲା ସମନ୍ୱୟ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରି ଅଭିଯାନ ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିସହ ଅଧିକ କୁଷ୍ଠରୋଗ ଚିହ୍ନଟ ଗ୍ରାମରେ ସଂକ୍ରମଣ ନ ବ୍ୟାପିବା ପାଇଁ ବ୍ୟବସ୍ଥା ତଦାରଖ କରିବା, ସନ୍ଦିଗ୍ଧ କୁଷ୍ଠରୋଗୀ ଚିହ୍ନଟ କ୍ଷେତ୍ରରେ ଭଲ ପ୍ରଦର୍ଶନ କରୁଥିବା ଆଶାକର୍ମୀଙ୍କୁ ସମ୍ବର୍ଦ୍ଧନା, ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀଙ୍କ ସ୍କ୍ରିନିଂ କରାଯିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁନୀଲ କୁମାର ପଣ୍ଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଂଶୁ ରୂତ୍, ଡା. ଲକ୍ଷ୍ମଣ କୁମାର କର୍ମୀ, ଡା. ମଧୁଲିତା ସାହୁ, ଡା. ଶ୍ୟାମବନ୍ଧୁ ରଥ, କୁଷ୍ଠରୋଗ ପରାମର୍ଶଦାତା ଡା. ହରପ୍ରସାଦ ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ, ଭାରପ୍ରାପ୍ତ ଡିପିଏମ୍ ଅଶ୍ୱିନୀ ମହାନନ୍ଦ, ଆଇସିଡିଏସ୍ ପିଓ କ୍ରିଷ୍ଟପ୍ରିୟା ପ୍ରଧାନଙ୍କ ସମେତ ବେଦାନ୍ତ, ଟିଆର୍‌ଏଲ୍ କ୍ରୋସାକି ଶିକ୍ଷାନୁଷ୍ଠାନର ଅଧିକାରୀ ଓ ଅନ୍ୟ ଅଂଶୀଦାର ଯୋଗଦେଇଥିଲେ।

# ବନ୍ଦେ ମାତରମ୍‌ର ୧୫୦ତମ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ


କାର୍ଯ୍ୟକ୍ରମରେ ବିମାନବନ୍ଦରର ଅଧିକାରୀ ଓ କର୍ମଚାରୀ।

ଝାରସୁଗୁଡ଼ା, ୭।୧୧
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପୂର୍ତ୍ତି ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ବିମାନ ବନ୍ଦରର କାର୍ଯ୍ୟକାରୀ ନିର୍ଦ୍ଦେଶକ ଉପେନ୍ଦ୍ର ନାଥ ଧଉଣ୍ଡିଆଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିମାନ ବନ୍ଦରର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ବଙ୍କିମ ଚନ୍ଦ୍ର ଚଟାର୍ଜିଙ୍କ ଦ୍ୱାରା ରଚିତ ଏହି ଗୀତଟି ଦେଶର ସଭ୍ୟତା, ରାଜନୈତିକ ଏବଂ ସାଂସ୍କୃତିକ ଚେତନାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଧଉଣ୍ଡିଆ କହିଥିଲେ। ଏହି ଅବସରରେ ନିର୍ଦ୍ଦେଶକଙ୍କ ସମେତ ବିମାନ ବନ୍ଦରର ଅନ୍ୟ ଅଧିକାରୀ, କର୍ମଚାରୀ ବନ୍ଦେ ମାତରମ୍ ଗୀତ ଗାନ କରିଥିଲେ।

### ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲରେ ଭାରତୀୟ ହକିର ୧୦୦ ବର୍ଷ ପୂର୍ତ୍ତି ପାଳିତ

ବେଲପାହାଡ଼, ୭।୧୧(ସୁବାସ ପ୍ରଧାନ)– ବେଲପାହାଡ଼ସ୍ଥିତ ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲରେ ହକିର ୧୦୦ ବର୍ଷ ପୂର୍ତ୍ତି ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଓଡ଼ିଶା ହକି ଆସୋସିଏଶନ ଓ ଝାରସୁଗୁଡ଼ା ଜିଲା ହକି ଆସୋସିଏଶନର ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କ୍ରୀଡ଼ାବିତ୍ ସରୋଜ କୁମାର ମିର୍ଦ୍ଧା ଯୋଗଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ପ୍ରଫୁଲ୍ଲ ମହାପାତ୍ର ଉପସ୍ଥିତ ଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ହମିଦ୍ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବାଳିକା, ବାଳକ ବର୍ଗରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସ୍କୁଲର ଶାରିରୀକ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ହକି ମ୍ୟୁଜିୟମ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ୧୯୨୫ରୁ ୨୦୨୫ ପର୍ଯ୍ୟନ୍ତ ଭାରତୀୟ ହକିର ପ୍ରତ୍ୟେକ ମୁହୂର୍ତ୍ତକୁ ଉପସ୍ଥାପନ କରାଯାଇଛି। ଏହି ଅବସରରେ ଖେଳାଳୀମାନେ ଶୋଭାଯାତ୍ରାରେ ଭାଗ ନେଇଥିଲେ।

# ସ୍କାଉଟ୍ସ, ଗାଇଡ୍ସ ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ବେଲପାହାଡ଼, ୭।୧୧(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟରେ ଭାରତ ସ୍କାଉଟ୍ସ, ଗାଇଡ୍ସ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସହକାରୀ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଠାକୁର, ଯୁଗ୍ମ ସହକାରୀ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ବେହେରା, ବରିଷ୍ଠ ଶିକ୍ଷକ ସୌରଭ କୁମାର ପାଣିଙ୍କ ଉପସ୍ଥିତିରେ ସ୍କାଉଟ୍ ମାଷ୍ଟର ସୁରେନ୍ଦ୍ର ରାଉତ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଗାଇଡ୍ସ କ୍ୟାପ୍‌ଟେନ ସ୍ୱପ୍ନାଞ୍ଜଳି ବ୍ରହ୍ମ ଧନ୍ୟବାଦ ଦେଇଥିଲେ। ଏହାପରେ ସ୍କାଉଟ୍ସ, ଗାଇଡ୍ସ ପିଲାମାନେ ବିଦ୍ୟାଳୟର ପଡ଼ିଆରେ ଅନୁଷ୍ଠିତ ଗାଁ ହାଟ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସେମାନେ ଦଳଗତ ଭାବେ ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରିବାର ସୁଯୋଗ ପାଇଥିଲେ। ବିଦ୍ୟାଳୟର ଅନ୍ୟ ଛାତ୍ରୀଛାତ୍ର ବିଭିନ୍ନ ଖାଦ୍ୟ କ୍ରୟ କରିଥିଲେ। ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପଟ୍ଟନାୟକ ଉକ୍ତ ହାଟ ପରିଦର୍ଶନ କରିବା ସହ ଭବିଷ୍ୟତରେ ଏଭଳି ନୂତନ ଚିନ୍ତାଧାରା ଆଡ଼କୁ ଲକ୍ଷ୍ୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସକାଳେ ପ୍ରାର୍ଥନା ଅଧିବେଶନରେ ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରମ୍' ସାମୂହିକ ଭାବେ ଗାନ କରାଯାଇଥିଲ।

# ସାଂସଦ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

ଦେବଗଡ଼,୭।୧୧(ଶଶାଙ୍କ ଶେଖର ଝାଙ୍କର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଶୁକ୍ରବାର ସମ୍ବଲପୁର ଲୋକସଭା କ୍ଷେତ୍ର ଅଧୀନ ଦେବଗଡ଼ସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ 'ସାଂସଦ କ୍ରୀଡ଼ା ମହୋତ୍ସବ' ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିକାଶ ଫାଉଣ୍ଡେଶନର ଅଧ୍ୟକ୍ଷା ମୃଦୁଳା ଟି. ପ୍ରଧାନ ଯୋଗଦେଇ କହିଛନ୍ତି, ଦୁର୍ଗମ ଅଞ୍ଚଳର ଲୁକ୍କାୟିତ ଥିବା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଦିଗରେ ଏହି କ୍ରୀଡ଼ା ମହୋତ୍ସବ ପ୍ରମୁଖ ଭୂମିକା ଗ୍ରହଣ କରିବ। ମୋଟ ୧୯ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବ ସମ୍ବଲପୁର ଏବଂ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ଅନୁଗୋଳ, ଢେଙ୍କାନାଳ, ଦେବଗଡ଼ ଜିଲାର ବିଭିନ୍ନ ବ୍ଲକରେ ଆୟୋଜନ କରାଯିବ। ଚଳିତବର୍ଷ ଏହି ମହୋତ୍ସବର ଥିମ୍ 'ବିକଶିତ ଭାରତ ପାଇଁ ସୁସ୍ଥ ରହିବେ ଯୁବବର୍ଗ' ରଖାଯାଇଛି। ପ୍ରତିଯୋଗିତାଗୁଡ଼ିକୁ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଦୁଇଟି ବିଭାଗରେ ବିଭକ୍ତ କରାଯାଇଛି । କନିଷ୍ଠ ବିଭାଗ (୧୪ରୁ ୧୭ ବର୍ଷ) ବର୍ଗରେ ୧୦୦ ଓ ୨୦୦ ମିଟର ଦୌଡ଼, ଡିସ୍କସ୍ ଥ୍ରୋ, ସଟ୍‌ପୁଟ ଏବଂ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବରିଷ୍ଠ ବିଭାଗ (୧୮ରୁ ୨୩ ବର୍ଷ) ବର୍ଗର ଖେଳାଳିମାନେ ୧୦୦ ଓ ୨୦୦ ମିଟର ଦୌଡ଼, ଡିସ୍କସ୍ ଥ୍ରୋ, ସଟ୍‌ପୁଟ ଏବଂ କବାଡ଼ି ପ୍ରତିଯୋଗିତାରେ ଦକ୍ଷତା ପ୍ରଦର୍ଶନ କରିବେ। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୁକ୍କାୟିତ କ୍ରୀଡ଼ାବିତ୍‌ଙ୍କୁ ଜିଲା, ରାଜ୍ୟ ତଥା ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ଏକ ମଜବୁତ ମଞ୍ଚ ଯୋଗାଇ ଦେବା ଏହି ମହୋତ୍ସବର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଦେବଗଡ଼ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ତାପସ କୁମାର ମହନ୍ତ, ବିକାଶ ଫାଉଣ୍ଡେଶନ୍‌ର ରାଜ୍ୟ ସଂଯୋଜକ ରବୀନ୍ଦ୍ର ନାଥ ଦାଶ, ତିଲେଇବଣି ବ୍ଲକ ଚେୟାରମ୍ୟାନ ବୃନ୍ଦାବତୀ ଭୋଇ, ଭାଇସ୍ ଚେୟାରମ୍ୟାନ ଆରତି ପ୍ରଧାନ, ଦେବଗଡ଼ ମ୍ୟୁନିସିପାଲିଟିର ଭାରପ୍ରାପ୍ତ ଚେୟାରମ୍ୟାନ ପ୍ରଜିତ୍ କୁମାର ଭୋଜ, ମୀନକେତନ ପ୍ରଧାନ, ଯୋଗେଶ ପ୍ରଧାନ, ରଞ୍ଜିତ ପଟେଲ, ଭୋଳେଶ୍ୱର ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

केनरा बैंक Canara Bank | ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁକ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ରଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ରଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ରଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ରଣ/ମଞ୍ଜୁରି ରଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଅଡଶପୁର ଶାଖା** (୧)**ଶ୍ରୀମତୀ ମିଲି ସ୍ୱାଇଁ (ରଣଗ୍ରହୀତା ଏବଂ ବନ୍ଧକଦାତା)**, ସ୍ୱା: ଶ୍ରୀ କୈଳାଶ ସ୍ୱାଇଁ, (୨)**ଶ୍ରୀ କୈଳାଶ ସ୍ୱାଇଁ (ରଣଗ୍ରହୀତା)**, ପିତା: ଶ୍ରୀ ବୃନ୍ଦାବନ ସ୍ୱାଇଁ, ଉଭୟଙ୍କ ଠିକଣା: ସା/ପୋ.- ଅଡଶପୁର, ଥାନା: ଓଲଟପୁର, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୦୧୧ । | (କ)ଟ.୫,୦୦,୦୦୦/- / (ଖ) ୦୫.୧୧.୨୦୨୫ / (ଗ) ୦୬.୧୧.୨୦୨୫ | ୦୬.୧୧.୨୦୨୫ ସୁଦ୍ଧା ଟ.୧,୭୭,୬୦୩.୪୭ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀମତୀ ମିଲି ସ୍ୱାଇଁ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୭୬୯/୬୮୭୩, ମ୍ୟୁଟେସନ ଖାତା ନଂ.୧୧୮୭/୬୬୯, ମୌଜା: ଅଡଶପୁର, ଥାନା: ଓଲଟପୁର, ତହସିଲି: କଣ୍ଟାପଡା, ଏରିଆ: ଏ୦.୦୬୦ ଡିସିମିଲି, କିସମ: ଘରବାରୀ, ଉପଜିଲ୍ଲା: ନିଆଳି ରେ ରେଜିଷ୍ଟ୍ରିଭୁକ୍ତ, ଜିଲ୍ଲା: କଟକ, ଚାରିପାର୍ଶ୍ୱରେ: ଉତ୍ତର- ଉର୍ବଶ ଜେନା, ଦକ୍ଷିଣ- ପବନି ନାୟକ, ପୂର୍ବ- ରଘୁନାଥ ବିଶ୍ୱାଳ, ପଶ୍ଚିମ- ରାସ୍ତା । |

ଆପଣ, ଉପରୋକ୍ତ ରଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ରଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ରଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ରଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ରଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ରଣଦାତା ସୁରକ୍ଷିତ ରଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ରଣ ରାଶି ଆଦାୟ ନିମନ୍ତେ ରଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ରଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ରଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୦୭.୧୧.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ମାଣ୍ଡିଆ ହେଉଛି ପୋଷକତତ୍ତ୍ୱର ଭଣ୍ଡାର


ମାଣ୍ଡିଆ ଦିବସ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।


ଜିଲାସ୍ତରୀୟ ମାଣ୍ଡିଆ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

**ସୋନପୁର,୭।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ସରକାରୀ ବହୁବୃତ୍ତି ଶିକ୍ଷାନୁଷ୍ଠାନ ପରିସରରେ ଜିଲାସ୍ତରୀୟ ମାଣ୍ଡିଆ ଦିବସ ଓ ଖାଦ୍ୟ ମେଳା ପ୍ରଦର୍ଶନୀ ଶୁକ୍ରବାର ଆୟୋଜିତ ହୋଇଯାଇଛି। ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଶ୍ରୀଅନ୍ନ ଅଭିଯାନ ତଥା ସୁବର୍ଣ୍ଣପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝୀ ଉଦ୍‌ଘାଟନ କରିଥିଲେ। ମାଝୀ କହିଥିଲେ, ଶ୍ରୀଅନ୍ନ ଅଭିଯାନ ସରକାରଙ୍କ ଏକ ନିଆରା କାର୍ଯ୍ୟକ୍ରମ। ପୁଷ୍ଟିଶସ୍ୟ(ମିଲେଟ୍) ହେଉଛି ପୋଷକତତ୍ତ୍ୱର ଭଣ୍ଡାର। ଏଥିରେ ପ୍ରୋଟିନ୍, ଆଣ୍ଟିଅକ୍ସିଡାଣ୍ଟ ଓ ବିଭିନ୍ନ ପ୍ରକାର ଖଣିଜଦ୍ରବ୍ୟ ଭରି ରହିଛି। ଯାହା ଆମକୁ ସୁସ୍ଥ ରଖିବା ସହ ଶରୀରରେ ମଧୁମେହ ଏବଂ କୋଲେଷ୍ଟ୍ରୋଲ ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ତେଣୁ ହଜି ଯାଇଥିବା ମାଣ୍ଡିଆ କିପରି ପୁଣି ଚାଷୀଙ୍କ ଜମିରେ ହସି ଉଠିବ ଓ ସମସ୍ତଙ୍କ ଖାଦ୍ୟ ଥାଳିରେ ସ୍ଥାନ ପାଇବ ସେ ନେଇ ମାଝୀ ଗୁରୁତ୍ୱାରୋପ କରିଥିଲେ। ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ ଯୋଗଦାନ କରି ମାଣ୍ଡିଆ ଖାଦ୍ୟସାରରେ ଭରପୁର ଏକ ଉପାଦେୟ ଶସ୍ୟ ବୋଲି କହିଥିଲେ। ଡୁଙ୍ଗୁରିପାଲି କୃଷି ଜିଲା ଅଧିକାରୀ ମନୋରଞ୍ଜନ ସେଠୀ, ବୀରମହାରାଜପୁର କୃଷି ଜିଲା ଅଧିକାରୀ କୃଷ୍ଣଚନ୍ଦ୍ର ପାଲ, ସୋନପୁର କୃଷି ଜିଲା ଅଧିକାରୀ ଘନଶ୍ୟାମ ଦେହୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ମାଣ୍ଡିଆରେ ପ୍ରଚୁର ପରିମାଣରେ ପୁଷ୍ଟିସାର, ସ୍ନେହସାର, ଶ୍ୱେତସାର, ଖଣିଜ ଦ୍ରବ୍ୟ, କ୍ୟାଲସିୟମ, ଫସଫରସ, ଲୌହ ଓ ତନ୍ତୁ ଭରି ରହିଛି।

**ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ**

ଗୁଣାତ୍ମକ ମାନ ଦୃଷ୍ଟିରୁ ଏହା ଧାନ, ମକା, ଗହମ ଠାରୁ ବହୁ ଦିଗରୁ ଉନ୍ନତ ବୋଲି କହିଥିଲେ। କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ମହିଳାମାନଙ୍କ ବିଶେଷ ଭୂମିକା ଥିବା ଏଥିରେ ମତପ୍ରକାଶ ପାଇଥିଲା। ଏହି ଅବସରରେ ଚାଷୀମାନଙ୍କୁ ବିଭିନ୍ନ ପ୍ରଣାଳୀରେ ମାଣ୍ଡିଆ ଚାଷ ଉପରେ ବୁଝା ଯାଇଥିଲା। କୃଷି ବିଭାଗ ତରଫରୁ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ମେଳା ପ୍ରଦର୍ଶନୀର ଆୟୋଜନ ହୋଇଥିଲା। ଏଥିରେ ସଫଳ ମାଣ୍ଡିଆ ଚାଷୀ, ସଫଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଶ୍ରୀ ଅନ୍ନ ଅଭିଯାନରେ ଭଲ କାମ କରିଥିବା ସିଆରପିମାନଙ୍କୁ ସମ୍ମାନିତ କରା ଯାଇଥିଲା। ଯୋଜନା ଅଧିକାରୀ ସୌମରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଶ୍ରୀ ଅନ୍ନ ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ଭବାନୀ ଶଙ୍କର ମେହେର ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୃଷି ବିଭାଗର ସମସ୍ତ ଅଧିକାରୀ, ମାଣ୍ଡିଆ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଜାନୁୟାରୀ ୨ରୁ ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ

**ବୀରମହାରାଜପୁର,୭।୧୧(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଠାରେ ମୁକ୍ତାକାଶ ରଙ୍ଗମଞ୍ଚରେ ଚତୁର୍ଥ ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ ଆସନ୍ତା ଜାନୁୟାରୀ ୨ ଠାରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଗତ ବର୍ଷ ପରି ଚଳିତବର୍ଷ ମଧ ବୀରମହାରାଜପୁର ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ଠାରେ ପ୍ରତ୍ୟେକ ସନ୍ଧ୍ୟା ୬ ଘଣ୍ଟାଠାରୁ ରାତି ୧୧ଟା ପର୍ଯ୍ୟନ୍ତ କଂସ ଦରବାର ଅନୁଷ୍ଠିତ ହେବ। ମହାରାଜ କଂସ ଭୂମିକାରେ ଚିଚିଣ୍ଡାର ଝସକେତନ ପଧାନ ଚତୁର୍ଥ ଥର ପାଇଁ ଅଭିନୟ କରିବା ପାଇଁ ଯାଉଛନ୍ତି। ଉକ୍ତ ଧନୁଯାତ୍ରା ମହୋତ୍ସବ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ମିନା ବଜାର, ସଙ୍ଗୀତ ବିଚିତ୍ରା, ନୃତ୍ୟ ପରିବେଷଣ, ସାଙ୍ଗକୁ ଭଳିକି ଭଳି ଦୋକାନ ବଜାର ଅଧିକ ଆକର୍ଷଣ ହେବ ବୋଲି ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ କମିଟି ସଭାପତି କିଶୋର ହୋତା ସୂଚନା ଦେଇଛନ୍ତି। ଅନ୍ୟବର୍ଷମାନଙ୍କ ଭଳି ଦିନବେଳା କବିତା

**ଚତୁର୍ଥ ବର୍ଷ ପାଇଁ ମହାରାଜା କଂସ ଭୂମିକାରେ ଅଭିନୟ କରିବେ ଝସକେତନ ପଧାନ**



ଆସର, ଆଲୋଚନାଚକ୍ର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦେଇଛନ୍ତି କମିଟିର ଅଧ୍ୟକ୍ଷ କିଶୋର କୁମାର ହୋତା।

# ବିନିକା ଏନ୍‌ଏସିରେ ଜବରଦଖଲ ଉଚ୍ଛେଦ


ବିନିକା ଏନଏସିରେ ଜବରଦଖଲ ଉଚ୍ଛେଦ କରାଯାଉଛି।

**ବିନିକା, ୭ । ୧୧ (ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ୱାର୍ଡ ନଂ. ୭ ଓ ୱାର୍ଡ ନଂ.୮ର ନେପାକ ଛକରୁ ଓମେନ୍ସ କଲେଜ ଛକ ପର୍ଯ୍ୟନ୍ତ ଶୁକ୍ରବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଜୟରାମ ମେହେର, ଓଆଇସି ଅନିଲ କୁମାର ବେହେରା, ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ, ସାନିଟେରୀ ଏକ୍ସପୋର୍ଟ ସାଗରିକା ପାତ୍ରୋ, ସିଓ ସୁମିତା ବାରିକ, ପିଏ ସରୋଜ ମେହେର, ଏନଏସି କର୍ମଚାରୀ ଯୋଗେଶ୍ୱର ନାଏକ, ପୃଥୀରାଜ ପଧାନ, ରାଜା ପଧାନ, ସରୋଜ ସାହୁ, ଅମିନ ସୂର୍ଯ୍ୟନାରାୟଣ ମେହେର ଉପସ୍ଥିତ ରହି ଜେସିବି ଲଗାଇ ଉଚ୍ଛେଦ କରିଥିଲେ।

# ଗନ୍ଧର୍ବୀ ଶତପଥୀଙ୍କ ବିୟୋଗରେ ଶୋକସଭା

**ବୀରମହାରାଜପୁର,୭।୧୧(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟସ୍ଥ ଲାଲୁରପେଟ ଗ୍ରାମର ଧର୍ମପରାୟଣ ମହିଳା ଗନ୍ଧର୍ବି ଶତପଥୀଙ୍କ ୬୭ବର୍ଷ ବୟସରେ ବୁଧବାର ରାତି ପ୍ରାୟ ୯ଟାରେ ପରଲୋକ ଘଟିଥିଲା। ତାଙ୍କ ପରଲୋକରେ ବୀରମହାରାଜପୁର ନିତ୍ୟଯୋଗ କମିଟି ତରଫରୁ ଯୋଗାଚାର୍ଯ୍ୟ ଡ.ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଶୁକ୍ରବାର ସକାଳେ ୬ଟା ୩୦ରେ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ସ୍ୱର୍ଗତ ଶତପଥୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରାଯାଇ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଶୋକସଭାରେ ମୃତକ ଶତପଥୀଙ୍କ ସ୍ୱାମୀ ବିଶିଷ୍ଟ ଜ୍ୟୋତିର୍ବିଦ ତଥା ଯୋଗାଚାର୍ଯ୍ୟ ଅବସରପ୍ରାପ୍ତ ଶିକ୍ଷକ ସନ୍ୟାସୀ ଶତପଥୀ, ଅଧାପକ କ୍ୟାପଟେନ ସୂର୍ଯ୍ୟନାରାୟଣ ପଣ୍ଡା, ଯୁଗଳ କିଶୋର ମିଶ୍ର, ଗୋପିନାଥ ଚାନ୍ଦ, ଶମ୍ଭୁ ମେହେର, ରାଜକିଶୋର ରଥ, କୃଷ୍ଣଚନ୍ଦ୍ର ମହାକୁଡ଼, ସୁରେଶ ମେହେର, ଲବ ମେହେର, ଶଙ୍କର ମେହେର, ଜଗଦୀଶ ଶର୍ମା, ସୁଦାମ ଖଣ୍ଡଗିରି, ହିମାଂଶୁ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଶେଷରେ ଜୟକୃଷ୍ଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।


ଗନ୍ଧର୍ବୀ ଶତପଥୀଙ୍କ ବିୟୋଗରେ ଶୋକସଭାରେ ନୀରବ ପ୍ରାର୍ଥନା।

# ଆଇନ ସଚେତନତା କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

**ସୋନପୁର,୭।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ଛକ ସ୍ଥିତ ଅଦିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୁବର୍ଣ୍ଣପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଦେବାଶିଷ ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଡାକ୍ତର ତ୍ରିବିକ୍ରମ ପଣ୍ଡିଆ, ଡିଏସ୍‌ପି ରେଣୁକା ସୁନା ଓ ଜିଲା ଶିଶୁ ମଙ୍ଗଳ ସମିତିର ସଭ୍ୟା ରଞ୍ଜିତା ସାହୁ ଯୋଗଦେଇଥିଲେ। ଡ଼ାକ୍ତର ପାଣ୍ଡିଆ ପ୍ରାକ ଯୌବନ ସମୟରେ ପୁଅ ଓ ଝିଅମାନଙ୍କ ଶାରିରୀକ ଓ ମାନସିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେବା ସହିତ ସେମାନଙ୍କୁ ଉଚିତ ମାର୍ଗରେ ଆଗକୁ ବଢ଼ିବାକୁ ଉପଦେଶ ଦେଇଥିଲେ। ଶିଶୁ ମଙ୍ଗଳ ସମିତିର ସଭ୍ୟା ସାହୁ ପୋକ୍ସୋ ଆଇନ ବିଷୟରେ ଆଲୋଚନା କରିଥିବାବେଳେ ଡିଏସ୍‌ପି ସୁନା ଯୌନ ନିର୍ଯାତନା ବିରୋଧ ଆଇନରେ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରି ଏହାର ଦଣ୍ଡ ଉପରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଶେଷରେ ମୁଖ୍ୟ ଅତିଥି ଦାଶ ଆଇନର ବିଭିନ୍ନ ଧାରା ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ସହିତ ଗରିବ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ କିପରି ମାଗଣାରେ ନ୍ୟାୟ ପାଇବେ ସେ ନେଇ ଆଲୋଚନା କରିଥିଲେ। ଅଦିତିର ଚେୟାରମ୍ୟାନ ଡ. ଜ୍ୟୋତିରଞ୍ଜନ ବହିଦାର ସ୍ୱାଗତ ଭାଷଣ ତଥା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଲିଖିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ଅଧାପିକାଅଧାପକ ଏବଂ ଅଣଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ।

# ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ

**ବୀରମହାରାଜପୁର,୭।୧୧(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ହୋତାଙ୍କ ଅଧ୍ୟକ୍ଷତାରେ ତମାଖୁ ମୁକ୍ତ ଅଭିଯାନରେ ବୀରମହାରାଜପୁର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ୱର୍ଣ୍ଣପ୍ରଭା ଯୁଏଡ଼ ଉପସ୍ଥିତ ରହି ତମାଖୁ ସେବନ କରିବା ଦ୍ୱାରା ଅଧିକାଂଶ ସଂକ୍ରମଣ ରୋଗ ଓ କର୍କଟ ରୋଗର ମୁଖ୍ୟ କାରଣ ବୋଲି ସଚେତନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି ଗ୍ରାମ୍ୟ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟର ଶିକ୍ଷକ ସୁଶୀଲ କୁମାର ପଧାନ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ସେହିପରି ବାଗବର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁରେଶ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ତମାଖୁ ମୁକ୍ତ ଅଭିଯାନ ହୋଇଥିଲା। ବୀରମହାରାଜପୁର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ୱର୍ଣ୍ଣପ୍ରଭା ଜୁଏଡ଼ ଉପସ୍ଥିତ ରହି ତମାଖୁ ମୁକ୍ତ ଅଭିଯାନ ଉପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ।

# ଏସ୍‌ସିଏସ୍‌ଟି ମିଳିତ ମଞ୍ଚ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର

**ଉଲୁଣ୍ଡା,୭। ୧୧(ଗୌରଚନ୍ଦ୍ର ପରିଛା)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଏସ୍‌ସିଏସ୍‌ଟି ମିଳିତ ମଞ୍ଚ ପକ୍ଷର ଶୁକ୍ରବାର ଏସ୍‌ସି ଏସଟି ଓ ମହିଳାମାନଙ୍କ ମୌଳିକ ଅଧିକାର ଓ ସୁରକ୍ଷା ନିଶ୍ଚିତ କରିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବଂ ଆଇଆଇସିଙ୍କ ଜରିଆରେ ଏସପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଥମେ ବାବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଏସ୍‌ସିଏସ୍‌ଟି ମିଳିତ ମଞ୍ଚ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ପରେ ସେଠାରୁ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ଏସ୍‌ସି ଏସ୍‌ଟି ନିର୍ଯାତନା ନିରୋଧକ ଆଇନ ୧୯୮୯କୁ ଅପସାରଣ କରି ଅର୍ଡିନାନ୍ସ ମାଧ୍ୟମରେ ଲାଗୁ କରିଥିବା ଆଇନକୁ ରଦ୍ଦ କରିବା, ଏସ୍‌ଏସଟି ମହିଳା ଓ ପୁରୁଷଙ୍କ ଠାରୁ ସଫେଇ କର୍ମଚାରୀ ଚାକିରି ନାଁରେ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନିଆଯାଇଛି। ଏହାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବା, ଘରଡିହ ଶୂନ୍ୟ ଏସସିଏସଟି ପରିବାରକୁ ଘରଡିହ ଯୋଗାଇ ଦେବା, ସିଂଢୋଲକୁ ପୋଲିସ ଫାଣ୍ଡି ମାନ୍ୟତା ଆଦି ବିଭିନ୍ନ ଦାବି କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ମମତା ମେହେରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇହିଲା। ସେଠାରୁ ପୁଣି ମିଳିତ ମଞ୍ଚ ଏକ ଶୋଭାଯାତ୍ରାରେ ବାହାରି ଉଲୁଣ୍ଡା ଥାନାରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଉଲୁଣ୍ଡା ବିଡ଼ିଙ୍କୁ ମାଡ ମାରିଥିବା ଘଟଣାରେ ଏସସି ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ହେଲେ ସେହି ମାମଲାରେ ସବର୍ଣ୍ଣ ଅଭିଯୁକ୍ତ ଥାନାକୁ ଆଣି ସିଆରପିସି ୩୫ରେ ଛାଡି ଦିଆଗଲା। ଏଣୁ ଜମାନତ ଫର୍ଦ୍ଦକୁ ରଦ୍ଦ କରି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା, ଅଫିସରମାନଙ୍କୁ ସୁରକ୍ଷା ଦେବା, ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଇବା ସହ ପାଟ୍ରୋଲିଂ ବ୍ୟବସ୍ଥା କଡାକଡ଼ି କରିବା, ବେଆଇନ ଭାବରେ ଚାଲିଥିବା ମଦ, କପସିରଫ, ଅନଲାଇନ ସଟା ଖେଳକୁ ନିଷିଦ୍ଧ କରିବା ପାଇଁ ଦାବି କରିବା ସହ ଏସପିଙ୍କ ଉଦ୍ଦେଶ୍ୟରେ ଆଇଆଇସି ଲିଙ୍ଗରାଜ ସେଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ମିଳିତ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।


ଉଲୁଣ୍ଡା ବ୍ଲକ ଏସ୍‌ସିଏସ୍‌ଟି ମିଳିତ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ପ୍ରତିଭା ପ୍ରଦର୍ଶନ କଲେ ୨୨୨ ଛାତ୍ରୀଛାତ୍ର

**ସୋନପୁର,୭।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ପ୍ରତିଭା ଅନ୍ବେଷଣର ପ୍ରକୃଷ୍ଟ ମଞ୍ଚ ହେଉଛି ସୁରଭି। ରାଜ୍ୟ ସରକାର ଲୁକ୍କାୟିତ ପ୍ରତିଭାଙ୍କୁ ଅନ୍ବେଷଣ ପାଇଁ ବିଦ୍ୟାଳୟ, କ୍ଲଷ୍ଟର, ବ୍ଲକ, ଜିଲା ଓ ରାଜ୍ୟସ୍ତରରେ ସୁରଭି ନାମରେ ଶିଶୁ ମହୋତ୍ସବ ଆୟୋଜନ କରୁଛନ୍ତି। ଚତୁର୍ଥ ଶ୍ରେଣୀରୁ ଯୁକ୍ତ ୨ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମଧ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ସମଗ୍ର ଶିକ୍ଷା ଓ ଜିଲା ଶିକ୍ଷା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ଏହା କହିଛନ୍ତି। ଛାତ୍ରୀଛାତ୍ର କଳା, ସଂସ୍କୃତି ଓ ସାହିତ୍ୟ ସହିତ ଶିକ୍ଷା ଏବଂ କ୍ରୀଡା କ୍ଷେତ୍ରରେ ମଧ ସଫଳତା ପାଇ ପାରିବେ, ସେଥିପ୍ରତି ଯତ୍ନଶୀଳ ହେବାକୁ ସେ ଆହ୍ୱାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଡୁଙ୍ଗୁରିପାଲି ବ୍ଲକ ଶିକ୍ଷା ଅଧିକାରୀ ଗଣେଷ କିଷାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ର ବଡ ସ୍ୱପ୍ନ ଦେଖିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ ବେଣୁଧର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଲୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା, ପ୍ରକୃତି ବନ୍ଧୁ ତଥା ତରଭା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲୀଧର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ କୃତି ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଢୀ ଓ ଲକ୍ଷ୍ମୀନାରାୟଣ ସାହୁ ମଞ୍ଚ ପରିଚାଳନା କରିଥିଲେ। ଜିଲାର ୬ଟି ବ୍ଲକରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ୨୨୨ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏଥିରେ ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ, କୁଇଜ୍, ଚିତ୍ରାଙ୍କନ, ସୃଜନାତ୍ମକ ଲିଖନ, ହସ୍ତାକ୍ଷର ଓ ନୃତ୍ୟ ଆଦି ୩୧ଟି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଓ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ୭ଛାତ୍ରୀ ମୋଟ ୩୮ ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ମନୋନିତ ହୋଇଛନ୍ତି। ସେମାନେ ଆସନ୍ତା ୧୨, ୧୩ ଓ ୧୪ ତାରିଖରେ ଭୁବନେଶ୍ୱର ସ୍ଥିତ ୟୁନିଟ୍ ୩ କ୍ୟାପିଟାଲ ହାଇସ୍କୁଲରେ ଆୟୋଜିତ ରାଜ୍ୟସ୍ତରୀୟ ସୁରଭି ଶିଶୁ ମହୋତ୍ସବରେ ଅଂଶଗ୍ରହଣ କରିବେ। ଧନ୍ୟବାଦ ପ୍ରଦାନ କରିଥିଲେ ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରଜ୍ଞା ପରମିତା ଦାଶ। କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ସମଗ୍ର ଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଜିଲାର ଶିକ୍ଷୟତ୍ରୀ ଶିକ୍ଷକ ଓ ମହାରାଜା ହାଇସ୍କୁଲର ଏନସିସି କ୍ୟାଡେଟ୍।


ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ**

**ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ୩୮ ଛାତ୍ରୀଛାତ୍ର**

# ଭାଜପାକୁ ସମର୍ଥନ ଦେଲେ ସ୍ୱାଧୀନ ପ୍ରାର୍ଥୀ ଭକ୍ତବନ୍ଧୁ

ନୂଆପଡ଼ା,୭।୧୧ (ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ଭକ୍ତବନ୍ଧୁ ଧରୁଆ ଶୁକ୍ରବାର ଭାଜପାକୁ ସମର୍ଥନ ଦେଇଥିବା ଘୋଷଣା କରିଛନ୍ତି। ନଭେମ୍ବର ୧୮ରେ ଭକ୍ତବନ୍ଧୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରି ଗ୍ୟାସ ସିଲିଣ୍ଡର ଛାପ ପାଇଥିଲେ। ସେହିଦିନଠାରୁ ସେ ପ୍ରଚାର କାର୍ଯ୍ୟ ଜୋରଦାର କରିଥିଲେ। ତାଙ୍କୁ ଲୋକ ସମର୍ଥନ ମଧ୍ୟ ମିଳୁଥିଲା। କିନ୍ତୁ ହଠାତ୍ ଶୁକ୍ରବାର ସେ ନିଜ ସମର୍ଥକଙ୍କ ସହ ଖରିଆରଠାରେ ଜୟ ଢୋଲକିଆଙ୍କ ସହ ସାମିଲ ହୋଇଗଲେ। ଏ ସମ୍ପର୍କରେ ସ୍ୱାଧୀନ ପ୍ରାର୍ଥୀ ଧରୁଆଙ୍କୁ ପଚାରିବାରୁ ସେ କହିଲେ, ମୁଁ ଦୀର୍ଘ ୧୦ ବର୍ଷ କାଳ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ସହ ରହି କର୍ମୀ ଭାବରେ କାର୍ଯ୍ୟ କରି ଆସୁଥିଲି। ତାଙ୍କର ସେ ଜଣେ ପରୋପକାରୀ ଓ ସମାଜସେବା କରି ଆସୁଥିଲେ। ତାଙ୍କ ସହିତ ରହି ମୁ ମଧ୍ୟ ସମାଜସେବା କରିବା ଶିଖିଲି। ୨୦୧୧ଠାରୁ ଢୋଲକିଆଙ୍କୁ ଛାଡି ନିଜେ ସମାଜସେବା କରିଆସୁଥିଲି। ଲୋକଙ୍କ ସମର୍ଥନ ଯୋଗୁ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିଲି । ଯେତେବେଳେ ଜୟ ଭାଇ ଭାଜପା ପ୍ରାର୍ଥୀ ହୋଇଛନ୍ତି, ତାଙ୍କ ସହିତ ନିର୍ବାଚନ ଲଢିବା ଠିକ ହେବନି ଭାବି ଢୋଲକିଆ ପରିବାର ସହ ପୁଣି ମିଶିଗଲି। ଆଜିଠାରୁ ଜୟ ଭାଇଙ୍କୁ ସମର୍ଥନ କରିବି ବୋଲି କହିଥିଲେ। ଏହି ସମୟରେ ରାଧିକା ସାହୁ, ପୂଜା ସାହୁ, ଡ଼ୁମର ସାହୁ, ପୂର୍ଣ୍ଣିମା ରାଉତ, ପୁଷ୍ପା ମାଝି, ନର୍ମଦା ମାଝି, ସୁଜାତା ରାଉତ, ଜ୍ଞାନ ରଞ୍ଜନ ସାହୁ, ଶୁକଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଜୟ ଢୋଲକିଆଙ୍କ ସହିତ ଭକ୍ତବନ୍ଧୁ।

## ଜୟଙ୍କ ପାଇଁ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ପ୍ରଚାର

ନୂଆପଡ଼ା,୭।୧୧ (ମକାରୁ ବେମାଲ)

କୋମନା ବ୍ଲକ ସୋସେଙ୍ଗ ଓ ସୁନାବେଡା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଦଳର ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାର କରିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ। ମନ୍ତ୍ରୀଙ୍କ ସହ ଚଳଚ୍ଚିତ୍ର ଅଭିନେତା ତଥା ଭାଜପା ନେତା ଅରିନ୍ଦମ ଦାସ ସାମିଲ ହୋଇଥିଲେ। ସୋସେଙ୍ଗ ପଞ୍ଚାୟତ ଦେଓସିଲ ଗ୍ରାମରେ ଏକ ବୈଠକ ଆୟୋଜନ କରାଯାଇଥିଲା। ଗାଁର ବିକାଶ ହେଲେ ଦେଶର ବିକାଶ ହେବ ବୋଲି ମନ୍ତ୍ରୀ କହିବା ସହ ମୋଦି-ମୋହନ ସରକାର ଗ୍ରାମର ବିକାଶକୁ ପ୍ରାଥମିକତା ଦେଉଥିବା ପ୍ରକାଶ କରିଥିଲେ। ପରେ ସୁନାବେଡା ପଞ୍ଚାୟତରେ ଏକ ସଭା କରାଯାଇ ଦଳର ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରାଇବାକୁ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ।

## ଭାଜପା ଯୁବମୋର୍ଚ୍ଚାର ବାଇକ୍ ରାଲି

ନୂଆପଡ଼ା,୭।୧୧ (ମକାରୁ ବେମାଲ)

ଶୁକ୍ରବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ନୂଆପଡ଼ା ଏନ୍ଏସିଠାରେ ଦଳର ବିଧାୟକ ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ବିଶାଳ ବାଇକ୍ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଯୁବ ନେତା ଅଭିନନ୍ଦନ ପଣ୍ଡା, ପୂର୍ବତନ ଜୁନାଗଡ ଏନ୍ଏସି ଚେୟାରମ୍ୟାନ ମୁକେଶ ଅଗ୍ରୱାଲ, ମଣ୍ଡଳ ସଭାପତି ସଦାନନ୍ଦ ଜୋଷୀ, ବରିଷ୍ଠ ନେତା ଭୈରବ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

## କଂଗ୍ରେସ ପାଇଁ ପ୍ରଚାର କଲେ ପୂର୍ବତନ ମୁଖ୍ୟମନ୍ତ୍ରୀ

ନୂଆପଡ଼ା,୭।୧୧ (ପୀତାମ୍ବର ସାହୁ)

ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ପ୍ରଚାର ସେତେ ସରଗରମ ହେଉଛି। ତିନି ପ୍ରମୁଖ ଦଳ ପ୍ରଚାର ମୈଦାନରେ ଲୋକଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରୁଛନ୍ତି। ଏହି କ୍ରମରେ ଶୁକ୍ରବାର ନୂଆପଡ଼ା ବ୍ଲକ ଯୋନ -୮ର କୁଲିହାବନ୍ଧା ଗ୍ରାମ ପଞ୍ଚାୟତରେ କଂଗ୍ରେସ ନିର୍ବାଚନୀ ପ୍ରଚାର କରିଛି। ଏହି ପ୍ରଚାରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗୋ ଯୋଗଦେଇ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଜୋନ ଇନ୍‌ଚାର୍ଜ ଅଭିଷେକ ଜଗତଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ସରପଞ୍ଚ ହୀରାଲାଲ ପଟେଲ ସଭାପତିତ୍ୱ କରିଥିଲେ। ଏଥିରେ ପିସିସି ସଭାପତି ଭକ୍ତ ଚରଣ ଦାସ, ମହିଳା କଂଗ୍ରେସ ପ୍ରଭାରୀ ତୁଲିକା କର୍ମା, ଖୋର୍ଦ୍ଧା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ, ନୂଆପଡ଼ା ମିଡ଼ିଆ ସେଲ ସଂଯୋଜକ ସୁଧୀର ମିଶ୍ର,ବରିଷ୍ଠ କଂଗ୍ରେସ ନେତା ଫକିର ଜଗତ ପ୍ରମୁଖ ଯୋଗଦେଇ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ।


କୁଲିହାବନ୍ଧାରେ କଂଗ୍ରେସର ନିର୍ବାଚନୀ ପ୍ରଚାର।

## ସାହିପଲାରେ କଂଗ୍ରେସର ନିର୍ବାଚନୀ ସଭା


ସମାବେଶରେ ଯୋଗଦେଇଥିବା ମହିଳାପୁରୁଷ।

ନୂଆପଡ଼ା,୭।୧୧ (ମକାରୁ ବେମାଲ)

ନୂଆପଡ଼ା ନିର୍ବାଚନ ମଣ୍ଡଳୀର ସାହିପଲାଠାରେ କଂଗ୍ରେସର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନେତୃବୃନ୍ଦ ଯୋଗଦେଇ ନୂଆପଡ଼ା ଉପନିର୍ବାଚନ କେବଳ ପ୍ରାର୍ଥୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ନୁହେଁ, ଏହା ସମ୍ବିଧାନ, ଧର୍ମନିରପେକ୍ଷତା ଓ ଓଡ଼ିଶାର ସମସ୍ତ ସମ୍ପ୍ରଦାୟର ଗଣତାନ୍ତ୍ରିକ ଅଧିକାରର ଭବିଷ୍ୟତ ଉପରେ ଏକ ଜନମତ ସଂଗ୍ରହ। ତେଣୁ ନୂଆପଡ଼ାର ଜନତା ଏକଜୁଟ ହୋଇ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ। ହରଦୀପ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଂଗ୍ରେସର ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ସତ୍ୟ ନାରାୟଣ ସାହୁ, ବିଧାୟକ ଅଶୋକ ଦାସ, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଏବଂ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବଦ୍ରି ନାରାୟଣ ଦାଶ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ସମୟରେ ସାମ୍ପ୍ରଦାୟିକ ହିଂସା, ମହିଳା ନିର୍ଯାତନା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୧୬ ମାସର ଶାସନରେ ଭାଜପା ନିର୍ବାଚନ ପ୍ରତିଶ୍ରୁତି ଭୁଲିଯାଇଛି। ଏହି ଉପନର୍ବାଚନରେ ସମସ୍ତଙ୍କୁ କାମ, ରୋଜଗାର, ସ୍ୱାସ୍ଥ୍ୟ, ଶିକ୍ଷା, ମୂଲ୍ୟବୃଦ୍ଧି ରୋକିବା ଓ ସାମାଜିକ ନ୍ୟାୟ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି ବୋଲି ନେତାମାନେ ଦର୍ଶାଇଥିଲେ।

## ‘ବେଇମାନ’ ଶବ୍ଦ ଉଚ୍ଚାରଣ କରିବା ନିନ୍ଦନୀୟ: ସମ୍ବିତ ପାତ୍ର


ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

ନୂଆପଡ଼ା,୭।୧୧ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନରେ ନବୀନ ବାବୁ ‘ବେଇମାନ’ ଓ ‘ପ୍ରାର୍ଥୀ ଚୋରି’ ଭଳି ଅପଶବ୍ଦ ବ୍ୟବହାର କରିବା ଅତ୍ୟନ୍ତ ନିନ୍ଦନୀୟ। ଏହା ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପରିବାରକୁ ଆଘାତ ପହଞ୍ଚାଇଛି। କୌଣସି ଦ୍ରବ୍ୟର ଚୋରି ହୋଇଥାଏ। ବ୍ୟକ୍ତି କୌଣସି ଦ୍ରବ୍ୟ ନୁହେଁ, ଯାହା ଚୋରି ହୋଇଯିବ। ବିଜେଡି ଘୃଣ୍ୟ ରାଜନୀତି କରି ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କୁ ଏକ ଦ୍ରବ୍ୟରେ ପରିଣତ କରିଦେଇଛି, ଯାହା ଦୁଃଖର ବିଷୟ ବୋଲି ଶୁକ୍ରବାର ନୂଆପଡା ଜିଲା ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ମୁଖପାତ୍ର ତଥା ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର କହିଛନ୍ତି। ଏହି ଅବସରରେ ସେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ପଦ୍ମଫୁଲ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇବାକୁ ନିବେଦନ କରିଛନ୍ତି। ଏହି ସମ୍ମିଳନୀରେ ସ୍ୱର୍ଗତ ଢୋଲକିଆଙ୍କ ସ୍ତ୍ରୀ କଳ୍ପନା ଢୋଲକିଆ ଓ ସାନଭାଇ ଅତୁଲ ଢୋଲକିଆ, ଜିଲା ସଭାପତି କମଳେଶ ଦିକ୍ଷିତ, ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ, ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆପଡ଼ା, ଟିକ୍ରାପଡ଼ାରେ ଭାଜପାର ମିଶ୍ରଣ ପର୍ବ

ନୂଆପଡ଼ା,୭।୧୧ (ପୀତାମ୍ବର ସାହୁ)

ନୂଆପଡ଼ାଠାରେ ଶୁକ୍ରବାର ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ କୁମଟିମୁଣ୍ଡା ଗାଁର ସଂଖ୍ୟାଲଘୁ ସମ୍ପ୍ରଦାୟର ବହୁ ଲୋକ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ଓ ଟୋପି ଦେଇ ଦଳକୁ ସ୍ୱାଗତ କରିଥିଲେ। ସେହିପରି କୋମନା ବ୍ଲକ ଟିକ୍ରାପଡ଼ାର ଦଳୀୟ କାର୍ଯ୍ୟାଳୟଠାରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ବିଧାୟକ ଲକ୍ଷ୍ମଣ ବାଗଙ୍କ ଉପସ୍ଥିତିରେ ଲିପୁ ବେହେରାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ସମସ୍ତଙ୍କୁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ବିଧାୟକ ଲକ୍ଷ୍ମଣ ବାଗ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିପୁଳ ଭୋଟରେ ଜିତେଇବା ପାଇଁ କାର୍ଯ୍ୟ କରିବାକୁ ମନ୍ତ୍ରୀ ମଲ୍ଲିକ ନୂତନ ସଦସ୍ୟଙ୍କୁ ନିବେଦନ କରିଛନ୍ତି।


ନୂଆପଡ଼ାରେ ଭାଜପାର ମିଶ୍ରଣପର୍ବରେ ନେତୃବୃନ୍ଦଙ୍କ ସହ ନୂତନ ସଦସ୍ୟ।

## ଭୂମିସୂତାଙ୍କ ଦୁଃଖ ବୁଝିଲେ ମନ୍ତ୍ରୀ ନିତ୍ୟାନନ୍ଦ

ନୂଆପଡ଼ା,୭।୧୧ (ମକାରୁ ବେମାଲ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନିର୍ବାଚନ ପ୍ରଚାର ପାଇଁ ନୂଆପଡ଼ା ଆସିଥିଲେ। ଆସିଥିଲେ। ଏହି ଖବର ଶୁଣି ସିନାପାଲି ବ୍ଲକ ଗଣ୍ଡାବାହାଲି ପଞ୍ଚାୟତ ଗମ୍ଭାରୀଗୁଡା ଗାଁର ଦିବ୍ୟାଙ୍ଗ ଝିଅ ଭୂମିସୂତା ମେହେରଙ୍କ ପରିବାର ଗୁହାରି କରିବାକୁ ଜିଲା ଭାଜପା କାର୍ଯ୍ୟାଳୟକୁ ଧାଇଁଆସିଥିଲେ। ଭାଜପା ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ଓ ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସିଙ୍କୁ ସାକ୍ଷାତ କଲା ପରେ ତାଙ୍କ ଦୁଃଖ ଜଣାଇବା ପାଇଁ ସାମାଜିକ କଲ୍ୟାଣ ଓ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଯୋଗାଯୋଗ କରିଥିଲେ। ମନ୍ତ୍ରୀ ଗଣ୍ଡ ନିର୍ବାଚନୀ ପ୍ରଚାର ଛାଡି ଜିଲା କାର୍ଯ୍ୟାଳୟରେ ପହଞ୍ଚି ଭୂମିସୂତାଙ୍କ ଅସୁବିଧା ବିଷୟରେ ବୁଝିଥିଲେ। ଭୂମିସୂତା ୮୦% ଶାରୀରିକ ଅକ୍ଷମ ଥିବାବେଳେ ୩୫୦୦ ଟଙ୍କାର ଭତ୍ତା ପାଉଥିଲେ। ହେଲେ ବର୍ତ୍ତମାନ ଭିନ୍ନକ୍ଷମ ପ୍ରମାଣପତ୍ରର ୟୁଆଇଡି ପ୍ରମାଣପତ୍ର କରିନାହାନ୍ତି। କାରଣ ଆଧାର କାର୍ଡରେ ଭୂମିସୂତାଙ୍କ ଅଙ୍ଗୁଠି ଚିହ୍ନ କିମ୍ବା ଆଖିର ଆଇ କଣ୍ଟାକ୍ଟ ସ୍ୱୀକାର ହେଉନାହିଁ। ତେଣୁ ସେ ଯେଉଁ ସରକାରୀ ସୁବିଧା ପାଇବା କଥା ପାଇପାରୁ ନାହାନ୍ତି। ୨୬ ବର୍ଷ ବୟସ୍କ ଦିବ୍ୟାଙ୍ଗ ଭୂମିସୂତାଙ୍କ ବାପା କ୍ଷେତ୍ର ମେହେର ମନ୍ତ୍ରୀଙ୍କୁ ସମସ୍ତ ଅସୁବିଧା ବିଷୟରେ ଅବଗତ କରାଇଥିଲେ। ଏହା ପରେ ମନ୍ତ୍ରୀ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ଅସୁବିଧା ସମ୍ପର୍କରେ ବୁଝାଇଥିଲେ ଓ ଭୂମିସୂତାଙ୍କ ସମସ୍ୟା ଶୀଘ୍ର ସମାଧାନ କରିବା ପାଇଁ ଆଦେଶ ଦେଇଥିଲା। ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ରାଶନ, ବାସଗୃହ ଯୋଗାଇଦେବା ପାଇଁ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ନବୀନଙ୍କ ଗସ୍ତର ଏପାଖସେପାଖ

### ରୋଡ୍ ଶୋ’ରେ ଲୋକଙ୍କ ଭିଡ଼

ନୂଆପଡ଼ା,୭।୧୧ (ମକାରୁ ବେମାଲ)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋଡ୍ ଶୋ ଅବସରରେ ଖରିଆର ରୋଡ୍ ଏନ୍ଏସି ଓ ନୂଆପଡ଼ା ସହରରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଯେଉଁପଟେ ଦେଖିଲେ ଶଙ୍ଖ ଝଣ୍ଟା ଓ ନବୀନ ଧ୍ୱନି ପଡୁଥିଲା। ନବୀନଙ୍କୁ ଦେଖି ଲୋକେ ସତେଯେମିତି ବିଭୋର ହୋଇଯାଇଥିଲେ।



### ଲୋକନୃତ୍ୟରେ ଦର୍ଶକ ଝୁମିଲେ

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋଡ୍ ଶୋ ସମୟରେ ପଶ୍ଚିମ ଓଡିଶାର ପାରମ୍ପରିକ ସମ୍ବଲପୁରୀ ଲୋକନୃତ୍ୟ ଦେଖିବାକୁ ଲୋକଙ୍କ ଭିଡ ଜମିଥିଲା। ଡାଲଖାଇ ଲୋକଗୀତରେ ଲୋକେ ଝୁମି ଉଠିଥିଲେ। ଏଥିରେ ଘଣ୍ଟବାଦ୍ୟ, ବୀରବାଦ୍ୟ ଘୁମୁରା, ମହିଳା ଓ ପୁରୁଷ ସଂକୀର୍ତ୍ତନ, ଆଦିବାସୀ ନୃତ୍ୟ, ବିଭିନ୍ନ ପ୍ରକାର ବାଜା ସହ ଘୋଡାନାଚର ଝଲକ ଦେଖିବାକୁ ମିଳିଥିଲା।

### କଡ଼ା ସୁରକ୍ଷା ବଳୟରେ ରୋଡ୍ ଶୋ’

ନବୀନ ପଟ୍ଟନାୟକଙ୍କ ନୂଆପଡ଼ା ଗସ୍ତ ଅବସରରେ ସୁରକ୍ଷା ବ୍ୟବସ୍ଥାକୁ ନଜରରେ ରଖି ବହୁ ସଂଖ୍ୟାରେ ପୋଲିସ ମୁତୟନ ହୋଇଥିଲେ। କଡା ସୁରକ୍ଷା ବଳୟରେ ରୋଡ୍ ଶୋ’ ହୋଇଥିଲା। କୌଣସି ସ୍ଥାନରେ ଯେମିତି କିଛି ଅପ୍ରୀତିକର ପରିସ୍ଥିତି ନ ଉପୁଜେ ସେଥିପ୍ରତି ପୋଲିସ ନଜର ରଖିଥିଲା।

### ୩ ଘଣ୍ଟା କାଳ ଟ୍ରାଫିକ ସମସ୍ୟା

ଖରିଆର ରୋଡ୍‌ଠାରୁ ନୂଆପଡ଼ା ଏକତା ଛକ ପର୍ଯ୍ୟନ୍ତ ପାଖାପାଖି ୧୩କିଲୋମିଟର ରୋଡ୍ ଶୋ’ ବେଳେ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଦୀର୍ଘ ୩ ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମୋଟରର ଲମ୍ବା ଧାଡି ଦେଖିବାକୁ ମିଳିଥିଲା।

### ହେଲିକପ୍ଟର ଦେଖିବା ପାଇଁ ଭିଡ଼

ଆଦିବାସୀ ଅଧ୍ୟୁଷିତ ଉପାନ୍ତ ନୂଆପଡ଼ା ଜିଲାରେ ଅନ୍ୟ ଦିନମାନଙ୍କରେ ଉଡାଜାହାଜ କିମ୍ବା ହେଲିକପ୍ଟର ଦେଖିବାକୁ ମିଳେ ନାହିଁ। ଜିଲାକୁ ନେତା କିମ୍ବା ମନ୍ତ୍ରୀ ହେଲିକପ୍ଟରରେ ଆସିଲେ ଲୋକଙ୍କୁ ଦେଖିବାକୁ ମିଳିଥାଏ। ଶୁକ୍ରବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ହେଲିକପ୍ଟରରେ ପହଞ୍ଚିବା ସମୟରେ ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଲାଗିଥିଲା।



### ଜଙ୍ଗଲି ଜନ୍ତୁଙ୍କ ବେଶ ଆକୃଷ୍ଟ କଲା

ନବୀନ ପଟ୍ଟନାୟକଙ୍କ ରୋଡ୍ ଶୋ’ ସମୟରେ ଭାଲୁ, ବିରାଡି ଭଳି ଜଙ୍ଗଲି ଜନ୍ତୁଙ୍କ ବେଶ ଲୋକଙ୍କୁ ଆକୃଷ୍ଟ କରିଥିଲା। କଳାକାରମାନେ ବନ୍ୟଜନ୍ତୁଙ୍କ ବେଶରେ ଅନେକ ପ୍ରକାର ଠାଣି କରି ଜନ ଗହଳି ଭିତରେ ବୁଲୁଥିବା ଦେଖିବାକୁ ମିଳିଥିଲା।

### ନବୀନଙ୍କ ରୋଡ ଶୋ’ ଦେଖିଲେ ଢୋଲକିଆ ପରିବାରର ସମ୍ପର୍କୀୟ

ଶୁକ୍ରବାର ଖରିଆର ରୋଡ୍ ପୋଲିସ ପଡିଆଠାରୁ ନୂଆପଡା ଏକତା ଛକ ପର୍ଯ୍ୟନ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋଡ୍ ଶୋ’ ରହିଥିଲା। ସେହି ସମୟରେ ଢୋଲକିଆ ପରିବାରର ସମ୍ପର୍କୀୟମାନେ ଛାତ ଉପରେ ଚଢି ଏହାକୁ ଦେଖୁଥିବା ଲକ୍ଷ୍ୟ କରାଯାଇଥିଲା।



### ଦେଢଘଣ୍ଟା ବିଳମ୍ବରେ ଆସିଲେ ନବୀନ

ଶୁକ୍ରବାର ପୂର୍ବାହ୍ନ ସାଢେ ୧୧ଟାରେ ଖରିଆର ରୋଡ୍ ପୋଲିସ ପଡିଆରେ ନବୀନ ହେଲିକପ୍ଟରରେ ଅବତରଣ କରିବା କାର୍ଯ୍ୟକ୍ରମ ରହିଥିଲା। ହେଲେ ଦେଢଘଣ୍ଟା ବିଳମ୍ବରେ ସେ ଆସିବାରୁ ଲୋକେ ବ୍ୟସ୍ତବିବ୍ରତ ହୋଇପଡିଥିଲେ।



## ସଂକ୍ଷେପରେ

### ପୋଲିସ ପରିଚୟ ଦେଇ ଲୁଟିନେଲେ ଦୁର୍ବୃତ୍ତ

**ରାଉରକେଲା, ୭।୧୧(ସଙ୍ଗୀତା ଜେନା):** ଝିରପାଣି ଥାନା ଅଧୀନ କୋଏଲନଗର ସି ବ୍ଲକ ଅଞ୍ଚଳରେ ଶୁକ୍ରବାର ସକାଳ ୯ଟା ୫୫ ମିନିଟ୍‌ରେ ଜଣେ ବ୍ୟକ୍ତି ମାଛ କିଣି ଘରକୁ ଫେରୁଥିବା ବେଳେ ଠକେଇର ଶିକାର ହୋଇଛନ୍ତି। ନିଜକୁ ପୋଲିସ ପରିଚୟ ଦେଇ ଜଣେ ଦୁର୍ବୃତ୍ତ ତାଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍ କରି ଚମ୍ପଟ ମାରିଥିବା ଜଣାପଡ଼ିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୪୩/୨୫) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, କୋଏଲନଗର ସି ବ୍ଲକ ନିବାସୀ ବିଭୂତି ଭୂଷଣ ଦାସ(୬୬) ଶୁକ୍ରବାର ସକାଳେ ମାଛ ଧରି ଘରକୁ ଫେରୁଥିଲେ। ଏହି ସମୟରେ ଥାନାଠାରୁ ୫୦ ମିଟର ଦୂରରେ ଜଣେ ବ୍ୟକ୍ତି ନିଜକୁ ପୋଲିସ ପରିଚୟ ଦେଇ ତାଙ୍କୁ କହିଲେ, ଏତେ ସୁନାଗହଣା କ'ଣ ପାଇଁ ପିନ୍ଧିଛ। ଏସବୁ ଖୋଲିକରି ଦିଅ, ଥାନାରେ ଜମା ହେବ। ଏହାଶୁଣି ଦାସ ସୁନାଚେନ୍, ଲକେଟ୍ ଓ ମୁଦି ଆଦି ୨୫ ଗ୍ରାମର ସୁନାଗହଣା ଖୋଲି ଉକ୍ତ ବ୍ୟକ୍ତିଙ୍କୁ ଧରାଇଦେଇଥିଲେ। ପରେ ଉକ୍ତ ବ୍ୟକ୍ତି ଜଣଙ୍କ ତାକୁ ଧରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି।

### ବାଇକ୍ ଚୋରି ଅଭିଯୋଗରେ ୩ ଗିରଫ

**ରାଉରକେଲା, ୭।୧୧(ସଙ୍ଗୀତା ଜେନା):** ଉଦିତନଗର ଥାନା ପୋଲିସ ବାଇକ୍ ଚୋରି ଅଭିଯୋଗରେ ଶୁକ୍ରବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଧୁସୂଦନପାଲୀର ଅନୂପ ଉପାଧ୍ୟାୟ(୨୩), ୱାର୍ଡ଼ ନଂ ୧୧ର ଅନୀଲ ରାମ(୨୪) ଓ ତାରିଣୀ ଛକର ସୁରଜ କର୍ମାକର(୨୮)। ଅଭିଯୁକ୍ତମାନଙ୍କ ନିକଟରୁ ୩ ଚୋରି ବାଇକ୍ ଜବତ ହୋଇଛି। ଉକ୍ତ ଥାନା ଅର୍ନ୍ତଗତ ବସନ୍ତୀକଲୋନୀ ଅଞ୍ଚଳରେ ରାଜ କୁମାର ଲାଠ(୫୮)ଙ୍କ ଘର ଆଗରୁ ଗତ ୨୯ ତାରିଖରେ କେହି ଦୁର୍ବୃତ୍ତ ହିରୋ ବାଇକ୍ ଚୋରି କରିନେଇଥିଲେ। ଏ ନେଇ ଉଦିତନଗର ଥାନାରେ ଏତଲା ଥାନାରେ ଦିଆଯାଇଥିଲା। ପୋଲିସ ଏକ ମାମଲା(ନଂ୩୬୧/୨୫) ରୁଜୁକରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତମାନଙ୍କୁ ଧରିଛି। ସେମାନଙ୍କ ମଧ୍ୟରୁ ଅନୁପଙ୍କ ବିରୋଧରେ ୧୧ଟି, ଅନୀଲଙ୍କ ୩ଟି ଓ ସୁରଜଙ୍କର ୩ଟି ଅପରାଧିକ ମାମଲା ବିଭିନ୍ନ ଥାନାରେ ରହିଛି।

### ସାମାଜିକ କର୍ମୀଙ୍କ ବିୟୋଗରେ ଶୋକ



**ରାଉରକେଲା,୭।୧୧(ଦିନେଶ ମିଶ୍ର):** ରାଉରକେଲା ଛେଣ୍ଡ କଲୋନିର ସାମାଜିକ କର୍ମୀ ପ୍ରଦୀପ କୁମାର ପରିଡାଙ୍କ ୭୬ ବର୍ଷ ବୟସରେ ପରଲୋକ ହୋଇଛି। ତାଙ୍କ ପରଲୋକରେ ରାଉରକେଲା ରିଟାର୍ଡ ଏମ୍ପ୍ଲୟିଜ୍ ଆସୋସିଏଶନ ଓ ଗୋପବନ୍ଧୁ ପାଠାଗାରର ମିଳିତ ଆନୁକୂଲ୍ୟରେ ସଭାପତି ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପାଠାଗାରର ବରିଷ୍ଠ ସଦସ୍ୟ ହରିହର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରେ ସ୍ୱର୍ଗତ ପରିଡାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଦସ୍ୟ ରବୀନ୍ଦ୍ର ନାଥ ସ୍ୱାଇଁ, ତ୍ରିଲୋଚନ ମିଶ୍ର, ନାରାୟଣ ଚନ୍ଦ୍ର ଜେନା, ପ୍ରଫୁଲ୍ଲ କୁମାର ମହାନ୍ତି ଓ ଓ ଗୋକୁଳ ଚନ୍ଦ୍ର ସାହୁ ପ୍ରମୁଖ ସ୍ୱର୍ଗତ ପରିଡାଙ୍କର ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହରିହର ଶତପଥୀ, ରମେଶ ଚନ୍ଦ୍ର ଶତପଥୀ, ରବିନାରାୟଣ ସିଂହ, ଲକ୍ଷ୍ମଣନାଥ ଦାସ, ଜ୍ଞାନେନ୍ଦ୍ର କୁମାର ରାୟ, ଦେବରାଜ ଗଉଡ, ଗଗନ ବିହାରୀ ଜେନା, ଅଜୟ କୁମାର ମହାନ୍ତି, ରମାକାନ୍ତ ଷଡଙ୍ଗୀ ପ୍ରମୁଖ ଦିବଂଗତ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ବ୍ୟାଟେରି ଚୋର ଗିରଫ

**ରାଉରକେଲା, ୭।୧୧(ସଙ୍ଗୀତା ଜେନା):** ପ୍ଲାଂଟସାଇଟ୍ ଥାନା ପୋଲିସ ଟ୍ରାଫିକ୍ ମାର୍କେଟ, ପରିବା ମାର୍କେଟରେ ରହୁଥିବା ଜଣେ ବ୍ୟାଟେରୀ ଚୋରଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ମହତାବ ରୋଡର ଆକାଶ ଡ଼ମ(୨୭)। ତାଙ୍କ ନିକଟରୁ ୪ଟି ବ୍ୟାଟେରୀ ଜବତ କରାଯାଇଛି। ଆକାଶଙ୍କ ବିରୋଧରେ ପୂର୍ବରୁ ବିଭିନ୍ନ ଥାନାରେ ୪ଟି ଅପରାଧିକ ମାମଲା ରହିଛି।

# କୋମ୍ବିଂ ବେଳେ ଗୋଳାବାରୁଦ ଜବତ

## ସୀମାନ୍ତରେ ବଢୁଛି ମାଓବାଦୀ ଉପଦ୍ରବ

**ରାଉରକେଲା, ୭।୧୧(ସଙ୍ଗୀତା ଜେନା)**

ଓଡ଼ିଶା-ଝାଡଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ମାଓବାଦୀ ଉପଦ୍ରବ ବଢ଼ିବାରେ ଲାଗିଛି। କିଛିଦିନ ତଳେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବ୍ଲାଷ୍ଟରେ ୨ରୁ ଉର୍ଦ୍ଧ୍ୱ ସୁରକ୍ଷାବଳ ଓ ୨ ହାତୀ ମୃତ୍ୟୁମୁଖରେ ପଡ଼ିଥିଲେ। ସେହିପରି ମାଓବାଦୀ ଦମନ ଅଭିଯାନକୁ ରୋକିବା ପାଇଁ ୨ ଥର ବିସ୍ଫୋରଣ କରି ମୋବାଇଲ ଟାୱାର ମଧ୍ୟ ଉଡାଇଦିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷାବଳ ପକ୍ଷରୁ ମାଓବାଦୀ ନିରୋଧୀ ଅଭିଯାନକୁ ଜୋରଦାର କରାଯାଇଥିଲା। ଫଳରେ କିଛିଦିନ ହେଲା ମାଓବାଦୀ ହିଂସା ହ୍ରାସ ପାଇଥିଲା। ଏବେ ପୁଣି ସୀମାନ୍ତରେ ମାଓବାଦୀଙ୍କ ଉପଦ୍ରବ ବଢ଼ିଛି। ନିଜ ସ୍ଥିତି ଜାହିର କରିବା ପାଇଁ ସେମାନେ ସୁରକ୍ଷାବଳ ସହ ମୁହାଁମୁହିଁ ହେଉଥିବା ଜଣାପଡ଼ିଛି। ଗୁରୁବାର ସନ୍ଧ୍ୟାରେ ପଶ୍ଚିମ ସିଂଭୂମ ଜିଲା ଜରାଇକେଲା ଥାନା କୁଲାପୁବୁରୁ ତଥା ସରଣ୍ଡା ବନକ୍ଷେତ୍ରରେ ଝାଡଖଣ୍ଡ ପୋଲିସ ଏବଂ କୋବ୍ରା ୨୦୯ ବାଟାଲିଅନର ମିଳିତ ଅପରେଶନ ବେଳେ ସୁରକ୍ଷାବଳ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଅନ୍ଧାର ଏବଂ କୁହୁଡ଼ିର ସୁଯୋଗ ନେଇ ମାଓବାଦୀମାନେ ଗୁଳି ବିନିମୟ ସ୍ଥାନରୁ ଫେରାର ହୋଇଯାଇଥିଲେ। ପରେ ଯାଞ୍ଚ କରାଯିବାରୁ ବିପୁଳ ପରିମାଣର ହତିଆର, ଗୋଳାବାରୁଦ, ଆଇଇଡ଼ି, ବିସ୍ଫୋରକ, ମାଓବାଦୀ ସାମଗ୍ରୀ ଜବତ ହୋଇଥିଲା। ଜବତ ସାମଗ୍ରୀ ମଧ୍ୟରେ ଏସଏଲଆର ରାଇଫଲ୍ -୨ଟି, ୩୦୩ ରାଇଫଲ୍ ୧ଟି, ଏକେ ୪୮ ଜୀବନ୍ତ ଗୁଳି ୩୭ଟି, ଏସଏଲ୍ଆର୍ ଜୀବନ୍ତ ଗୁଳି ୭୮ଟି, ୩୦୩ର ଜୀବନ୍ତ ଗୁଳି ୧୩୦ଟି, ୭.୬୨ ଏମଏମ୍ ମାଗାଜିନ୍ ୧ଟି, ଏସ୍ଏଲ୍ଆର ମାଗାଜିନ୍ ୨ଟି, ୩୦୩ ମାଗାଜିନ୍ ୧ଟି, ଜିଲେଟିନ୍ ପ୍ୟାକେଟ୍ ୧୬.୬୮ କେଜି, ଡେଟୋନେଟର ସହିତ ଆଇଇଡି ୧୩ଟି, ଇଲେକ୍ଟ୍ରିକ ଡେଟୋନେଟର୍ ୧୦ଟି, ନନ୍ ଇଲେକ୍ଟ୍ରିକ୍ ଡେଟୋନେଟର ୫ଟି, ରେଡିଓ ସେଟ୍ ୫ଟି, ଇଣ୍ଟରସେପ୍ଟର ୨ଟି, ସିରି ୨୪ଟି, ଆଇଇଡି ପାଇଁ ପ୍ଲାଷ୍ଟିକ ପାଇପ ୨୦ଟି, ଲ୍ୟାପଟପ୍ ୨ଟି, ଏଫ୍ଏମ୍ ରେଡିଓ ୧୧ଟି ସମେତ ମାଓବାଦୀ ସାମଗ୍ରୀ ରହିଛି। ଗୁରୁବାରଠାରୁ ଝାଡଖଣ୍ଡ ପୋଲିସ ଏବଂ ସିଆର୍‌ପିଏଫ୍ ପକ୍ଷରୁ ସର୍ଚ୍ଚ ଅପରେଶନକୁ ଅଧିକ ପ୍ରଭାବୀ କରାଯାଇଥିବା ସୁରକ୍ଷାବଳ ପକ୍ଷରୁ ସୂଚନା ମିଳିଛି।



ସରଣ୍ଡା ଜଙ୍ଗଲରୁ ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।

# ଆର୍‌ଏସ୍‌ପିରେ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳିତ


କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଆର୍‌ଏସ୍‌ପି ଅଧିକାରୀଗଣ।

**ରାଉରକେଲା,୭।୧୧(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ମନ୍ଥନ ସମ୍ମିଳନୀ କକ୍ଷରେ ଶୁକ୍ରବାର ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପାଳିତ ହୋଇଛି। ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏଥିରେ ଡିଆଇସି ସଚିବାଳୟର ବରିଷ୍ଠ ଅଧିକାରୀ, କାର୍ଯ୍ୟନିର୍ବାହୀ ଏବଂ କର୍ମଚାରୀଙ୍କ ସହିତ ଜନସମ୍ପର୍କ, ଆଭ୍ୟନ୍ତରୀଣ ଅଡିଟ୍, ସତର୍କତା ଏବଂ ଅନ୍ୟ ବିଭାଗୀୟ ମୁଖ୍ୟ ଅଂଶଗ୍ରହଣ କରିଥିଲେ। କାରଖାନାର ବରିଷ୍ଠ ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହୋଇଥିଲା। ଇଡି (ଏଚ୍ଆର) ସଚିବାଳୟ ସମ୍ମିଳନୀ କକ୍ଷ ସମାଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିଭାଗ ନିର୍ବାହୀ ତରୁଣ ମିଶ୍ର ନେତୃତ୍ୱ ନେଇଥିଲେ। ସେହିପରି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ପାଲ ଚୌଧୁରୀ (ଇଡି) ପ୍ରୋଜେକ୍ଟ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଇଡି (ୱାର୍କସ) କାର୍ଯ୍ୟାଳୟର ସମାଗମ ସମ୍ମିଳନୀ କକ୍ଷରେ ସେବା ବିଭାଗ ସିଜିଏମ ଇନ୍‌ଚାର୍ଜ ଅତୀଶ ଚନ୍ଦ୍ର ସରକାରଙ୍କ ନେତୃତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଲିଖିତ ଏହି ଜାତୀୟ ଗୀତର ୧୫୦ତମ ବର୍ଷ ପାଳନ ପାଇଁ ଭାରତ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର କର୍ମଚାରୀ ଅଂଶଗ୍ରହଣ କରିଥିଲେ।

### ବ୍ରାହ୍ମଣୀ ନଦୀରୁ ମୃତଦେହ ଉଦ୍ଧାର

**ରାଉରକେଲା, ୭।୧୧(ସଙ୍ଗୀତା ଜେନା):** ରଘୁନାଥପାଲୀ ଥାନା ଜଲଦା ଫାଣ୍ଡି ଅଧୀନ ବ୍ରାହ୍ମଣୀ ନଦୀର କଂସର ଘାଟରୁ ଶୁକ୍ରବାର ସକାଳ ୬ଟାରେ ଜଣଙ୍କ ମୃତଦେହକୁ ପୋଲିସ ଅଗ୍ନିଶମ ବାହିନୀ ସହଯୋଗରେ ଉଦ୍ଧାର କରିଛି। ମୃତକ ହେଲେ ଛେଣ୍ଡ ଥାନା ବନ୍ଦପୋଷ ଅଞ୍ଚଳର ଦୟାନିଧି ତନ୍ତୀ(୫୭)। ପ୍ରାଥମିକ ତଦନ୍ତରୁ ତାଙ୍କ ଶରୀରରେ କୌଣସି ଆଘାତ ଚିହ୍ନ ମିଳିନାହିଁ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ରାଉରକେଲା ସରକାରୀ ଡାକ୍ତରଖାନା ପଠାଇବା ସହ ଏକ ମାମଲା (ନଂ.୧୦୧/୨୫) ରୁଜୁ କରିଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ମୃତକ କିଛିଦିନ ହେଲା ମାନସିକ ଅସୁସ୍ଥ ଥିଲେ। ଶୁକ୍ରବାର ସକାଳେ ଲୋକେ ଗାଧୋଇବା ବେଳେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ରାସ୍ତା ମରାମତି ବେଳେ ଖୋଳିଦେଲେ ପାଇପ୍

## ରାସ୍ତାରେ ଭାସିଲା ପାନୀୟ ଜଳ

**ରାଉରକେଲା,୭।୧୧(ଦିନେଶ ମିଶ୍ର)**

ବାସନ୍ତୀ କଲୋନି ସ୍ଥିତ ଏଫ୍ଇ ବ୍ଲକ ଅଞ୍ଚଳରେ ରାସ୍ତା ଖୋଳା ବେଳେ ପାଣି ପାଇପ୍ ଖୋଳି ଦେବାରୁ ରାସ୍ତା ସାରା ପାଣି ଭାସୁଛି। ଫଳରେ ଏହି ରାସ୍ତାରେ ଯାତାୟାତରେ ସମସ୍ୟା ହେଉଛି। ଏହାକୁ ତୁରନ୍ତ ମରାମତି କରିବା ପାଇଁ କଲୋନିବାସୀ ଦାବି କରିଛନ୍ତି।

ସୂଚନା ଅନୁସାରେ, ବାସନ୍ତୀ କଲୋନି ରାସ୍ତା ୫ ବର୍ଷ ତଳେ କଂକ୍ରିଟ୍ କରାଯାଇଥିଲା। ତେବେ ବର୍ତ୍ତମାନ ଜଣେ ଠିକାଦାର ରାସ୍ତାରେ ବ୍ଲକ ପେଭର ପକାଇବାକୁ କାମ ଆରମ୍ଭ କରିଥିଲେ। ଜେସିବି ଯୋଗେ ରାସ୍ତା ଖୋଳାଯିବା ବେଳେ ଏଫ୍ଇ ବ୍ଲକର ୨୫ରୁ ଉର୍ଦ୍ଧ୍ୱ ଘରକୁ ସଂଯୋଗ ହୋଇଥିବା ପାଣି ପାଇପ୍‌ଗୁଡିକୁ ଭାଙ୍ଗି ଦେଇଥିଲେ। ଏଥିସହ ପାଣିପାଇପ୍ ଫାଟିଯିବା ନେଇ ୱାଟକୋ ବିଭାଗକୁ ଠିକାଦାର ଜଣଙ୍କ କୌଣସି ସୂଚନା ପ୍ରଦାନ କରି ନ ଥିଲେ। ଫଳରେ ୱାଟକୋ ସବୁଦିନ ପରି ଶୁକ୍ରବାର ଅପରାହ୍ନ ସାଢେ ୪ଟାରେ ଏଫ୍ଇ ବ୍ଲକକୁ ପାଣି ଛାଡିବାରୁ ରାସ୍ତା ସାରା ଭାସିଥିଲା। ଖୋଳା ହୋଇଥିବା ରାସ୍ତାଟି ପାଣିକାଦୁଅରେ ଭର୍ତ୍ତି ହୋଇ ଲୋକଙ୍କ ଘର ଦୁଆର ମୁହଁରେ ଜମା ହେବା ସହ ଯାତାୟାତରେ ଅସୁବିଧା ସୃଷ୍ଟି କରିଥିଲା। ଏ ନେଇ ୱାଟକୋ ବିଭାଗକୁ ସ୍ଥାନୀୟ ଲୋକେ ଅବଗତ କରିବା ପରେ ଉକ୍ତ ଲାଇନ୍‌ରେ ପାଣି ବନ୍ଦ କରାଯାଇଥିଲା। ଏ ନେଇ ୱାଟକୋ କନିଷ୍ଠ ଯନ୍ତ୍ରୀ ତୁଷାର ମେହେରଙ୍କୁ ପଚାରିବାରୁ ସେ କହିଥିଲେ, ବାସନ୍ତୀ କଲୋନି ଏଫ୍ଇ ବ୍ଲକରେ ରାସ୍ତା ମରାମତି କାମକୁ ନେଇ ଆମ ପାଖରେ କୌଣସି ସୂଚନା ନ ଥିଲା। ରାସ୍ତା ଖୋଳିବା ସମୟରେ ଏକାଧିକ ଘରକୁ ସଂଯୋଗ ହୋଇଥିବା ପାଣି ପାଇପ୍‌ଗୁଡିକ ଭାଙ୍ଗି ନଷ୍ଟ ହୋଇଯାଇଛି। ଶନିବାର ଆମେ ମରାମତି କରିଦେବୁ ବୋଲି ମେହେରା କହିଥିଲେ।


ପାଇପ୍ ଫାଟିଯାଇଥିବାରୁ ପାଣି ରାସ୍ତାରେ ବହୁଛି।

### ନୀଳ କଣ୍ଠେଶ୍ୱର ମନ୍ଦିରରେ ଭଜନ ସନ୍ଧ୍ୟା

**ରାଉରକେଲା,୭।୧୧(ସଙ୍ଗୀତା ଜେନା)**

ରାଉରକେଲା ଛେଣ୍ଡ ଫେଜ୍-୧ସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଗତ ବୁଧବାର ସନ୍ଧ୍ୟାରେ ଇସ୍ପାତ ସହରର ପ୍ରମୁଖ କଳା ଅନୁଷ୍ଠାନ 'ଉତ୍ତମ ଗୀତ୍ ସଙ୍ଗୀତ' ଆନୁକୂଲ୍ୟରେ ଏକ ଭଜନ ସନ୍ଧ୍ୟା ଅୟୋଜିତ ହୋଇଯାଇଛି। ଗତ ଅଁଳା ନବମୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ଭାଗବତ ସପ୍ତାହ ମନ୍ଦିର ପରିସରରେ ଆୟୋଜିତ ହୋଇଥିଲା। ଭାଗବତ ସପ୍ତାହର ଉଦ୍‌ଯାପନୀ ଦିବସରେ ଆୟୋଜିତ ଏହି ଭଜନ ସନ୍ଧ୍ୟାରେ 'ଉତ୍ତମ ଗୀତ ସଙ୍ଗୀତ'ର ସଂସ୍ଥାପକ ଉତ୍ତମ କୁମାର ଖଟୁଆ, ଓଡ଼ିଶୀ କଣ୍ଠଶିଳ୍ପୀ ପ୍ରଫୁଲ୍ଲ ମଙ୍ଗଳ, ସୁନିତା ବିଶ୍ୱାଳ, ସଙ୍ଗୀତା ପାତ୍ର, ସତ୍ୟବ୍ରତ ମହାନ୍ତି, ପ୍ରଦୀପ କୁମାର ମହାନ୍ତ, କୁମାରୀ ସୃଷ୍ଟି ଆଦିଙ୍କ ଦ୍ୱାରା ପରିବେଷିତ ସୁମଧୁର ଭଜନ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସଂସ୍କୃତି ସଙ୍ଗଠକ ରଶ୍ମୀ ରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ କଣ୍ଠଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସମନ୍ୱୟ ଗଡୁଛି, ଥଇଥାନ ହେଉନି

## ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କୁ ଅପହଞ୍ଚ ସୁଲଭ ବାସଗୃହ

**ରାଉରକେଲା,୭।୧୧(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରରେ ବାସହୀନ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରକୁ ଥଇଥାନ କରିବା ପାଇଁ ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି ଯୋଜନା ଅଧୀନରେ ହିତାଧିକାରୀମାନଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ସୁଲଭ ବାସଗୃହ ନିର୍ମାଣ କରାଯାଇଛି। ତେବେ ଏହି ବାସଗୃହଗୁଡିକରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଏଯାଏ ଥଇଥାନ କରାଯାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି।

ରାଉରକେଲା ସହରରେ ବାସଗୃହ ଅଭାବ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆରଡିଏ) ଦ୍ୱାରା ୨୦୧୭ରେ ଛେଣ୍ଡ ଚିନ୍ମୟ ଛକ ନିକଟରେ ୩.୩୦ ଏକର ଜମିରେ ରାଜ୍ୟ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୩୨କୋଟି ୫୮ଲକ୍ଷ ଟଙ୍କା ବ୍ୟୟରେ ୪ଟି ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ ନିର୍ମାଣ କରାଗଲା। ଏଥିରେ ବିଦ୍ୟୁତ୍ କଲୋନି, ମନଟୋଲା, ପାନପୋଷ ଏବଂ ବଙ୍ଗଲାଟୋଲାର ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଥଇଥାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଯୋଗ୍ୟ ହିତାଧିକାରୀମାନଙ୍କୁ ବାସଗୃହ ଯୋଗାଇବା ପାଇଁ ଲଟେରୀ କରାଗଲା ଏବଂ ୫ଶହ ଯୋଗ୍ୟ ହିତାଧିକାରୀଙ୍କ ନାଁ ତାଲିକା ପ୍ରକାଶିତ ହେଲା। ଏହାପରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଗୃହ ବାବଦକୁ ୧ଲକ୍ଷ ୫୦ହଜାର ଟଙ୍କା ଲେଖାଏଁ ଜମା କରିବାକୁ କୁହାଗଲା। ମାତ୍ର ଇତିମଧ୍ୟରେ ୨୭୮ଜଣ ହିତାଧିକାରୀ ଗୃହ ବାବଦ ଟଙ୍କା ସହ ସତ୍ୟପାଠ ଦାଖଲ କରି ଗୃହ ପାଇଥିବା ବେଳେ ୨୨୨ଜଣ ହିତାଧିକାରୀ ଏଯାଏଁ ଥଇଥାନ ହୋଇନାହାନ୍ତି।

ଏ ସମ୍ପର୍କରେ ଆରଡିଏର ମୁଖ୍ୟ ସଚିବ ଲଙ୍କେଶ୍ୱର ଅମାତଙ୍କୁ ପଚାରିବାରୁ ସେ କହିଲେ, ୫ ଶହ ହିତାଧିକାରୀଙ୍କ ମଧ୍ୟରୁ ୨୭୮ଜଣଙ୍କୁ ଆବାସ ଗୃହ ଚାବି ପ୍ରଦାନ କରାଯାଇଛି। ସେମାନେ ସମସ୍ତେ ସେଠାରେ ଥଇଥାନ ମଧ୍ୟ ହେଲେଣି। ଅବଶିଷ୍ଟ ୨୨୨ଜଣଙ୍କ ମଧ୍ୟରୁ ଶହେ ହିତାଧିକାରୀ ମଧ୍ୟ ଆବାସ ଗୃହ ବାବଦ କିଛି ଟଙ୍କା ସହ ସତ୍ୟପାଠ ଦାଖଲ କରିଛନ୍ତି। ଖୁବଶୀଘ୍ର ସେମାନେ ଯେଭଳି ଥଇଥାନ ହେବେ ସେ ନେଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଅମାତ କହିଥିଲେ।


ଛେଣ୍ଡ ସ୍ଥିତ ସୁଲଭ ଆବାସ ଗୃହ।

# ୯ରୁ ଆଦର୍ଶ ଯୁବ ପରିଷଦର ଶିଶୁ ମହୋତ୍ସବ

**ରାଉରକେଲା,୭।୧୧(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ଆଦର୍ଶ ଯୁବ ପରିଷଦ ପକ୍ଷରୁ ଆସନ୍ତା ୯ ତାରିଖରୁ ସେକ୍ଟର-୭ସ୍ଥିତ ଚିନ୍ମୟ ବିଦ୍ୟାଳୟ ପରିସରରେ ଦ୍ୱିଦିବସୀୟ ଶିଶୁ ମହୋତ୍ସବ ଆୟୋଜନ କରାଯିବ। ଏଥିରେ ୫ମରୁ ୯ମ ଶ୍ରେଣୀ ବର୍ଗରେ ଶ୍ରୀମଦ୍ ଭଗବତ ଗୀତାର ୧୫ତମ ଅଧ୍ୟାୟ ଶ୍ଳୋକ ଆବୃତ୍ତି ଓ ବରିଷ୍ଠ ବର୍ଗରେ 'ଆମ ଜଙ୍ଗଲ ଆମ ଜୀବନ' ଏବଂ କନିଷ୍ଠ ବର୍ଗରେ ଫୁଲଦାନୀରେ ବିଭିନ୍ନ ଗୋଲାପ ଫୁଲ ଚିତ୍ରାଙ୍କନ, ଛୋଟ ପିଲାଙ୍କ ମଧ୍ୟରେ ଫ୍ଲାଇଙ୍ଗ କଲର ପ୍ରତିଯୋଗିତା, ବରିଷ୍ଠ ବର୍ଗରେ 'ସରକାରଙ୍କ ମାଗଣା ଯୋଜନା ଦେଶର ବିକାଶରେ ବାଧକ କି ' ଶୀର୍ଷକକୁ ନେଇ ଓଡିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ତର୍କ ପ୍ରତିଯୋଗିତା ହେବ। ସେହିପରି ଛୋଟ ପିଲାଙ୍କ ମଧ୍ୟରେ ରାଇମ୍ସ, କୌତୁକ ବେଶ ଓ ୫ମରୁ ୯ମ ଶ୍ରେଣୀ ପାଇଁ ରଙ୍ଗୋଲି ପ୍ରତିଯୋଗିତା କରାଯିବ। ୧୫ ତାରିଖରେ ସ୍ଥାନୀୟ ସିଭିକ୍ ସେଣ୍ଟର ଅଡିଟୋରିୟମରେ ବାଳକ ଓ ବାଳିକାଙ୍କ ମଧ୍ୟରେ ଏକକ ଅଭିନୟ, କନିଷ୍ଠ ଓ ବରିଷ୍ଠ ବର୍ଗରେ ଏକକ ଶାସ୍ତ୍ରୀୟ ନୃତ୍ୟ, ଏକକ ଭାରତୀୟ ଲୋକନୃତ୍ୟ, ଯୁଗଳ ଲୋକନୃତ୍ୟ ଏବଂ ଶେଷରେ ଦଳଗତ ଲୋକନୃତ୍ୟ ହୋଇ ପୁରସ୍କାର ବିତରଣ ତଥା ସମ୍ମାନ ସମାରୋହ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ବନ୍ଦେ ମାତରଂ ରାଷ୍ଟ୍ର ପ୍ରେମର ପ୍ରତୀକ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ରାଉରକେଲା,୭।୧୧(ବିପ୍ଳବ ରଞ୍ଜନ ଦାଶ)**

ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସମଗ୍ର ଦେଶରେ ବନ୍ଦେ ମାତରଂ ଜାତୀୟ ଗୀତର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଏହି କ୍ରମରେ ରାଉରକେଲା ସେକ୍ଟର-୫ ସ୍ଥିତ ଆମ୍ବାଗାନ ଛକରେ ଶୁକ୍ରବାର ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ ଏମ୍‌ପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବନ୍ଦେ ମାତରଂ ଜାତୀୟ ଗୀତ। ଦେଶ ଭକ୍ତି, ରାଷ୍ଟ୍ର ପ୍ରେମ, ସାହସ, ଏକତାର ପ୍ରତୀକ। ବନ୍ଦେ ମାତରଂ ସ୍ଲୋଗାନ ସ୍ୱାଧୀନତା ପ୍ରାପ୍ତି ପାଇଁ ଅମୋଘ ଅସ୍ତ୍ର ଥିଲା। ଏହାର ୧୫୦ ବର୍ଷ ପାଳନ କରିବା କେବଳ ଅତୀତକୁ ଦେଖିବା ନୁହେଁ ବରଂ ଏହା ଦେଶପ୍ରେମ, ଏକତା ଏବଂ ପ୍ରତିରୋଧକ ଶକ୍ତିର ମୂଲ୍ୟବୋଧକୁ ପୁନଃ ପ୍ରତିଷ୍ଠା କରିବାର ଏକ କାର୍ଯ୍ୟ ଅଟେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଡୀ ଦେଇଥିବା ସ୍ୱଦେଶୀ ଜ୍ଞାନକୌଶଳ ଓ ପଦାର୍ଥ ବ୍ୟବହାରକୁ ଆମେ ଗ୍ରହଣ କରିବା ବୋଲି ଓରାମ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବନ୍ଦେ ମାତରଂ ଗୀତର ପ୍ରଭାବ କିପରି ସ୍ୱାଧୀନ ସଂଗ୍ରାମୀମାନଙ୍କୁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ କରିଥିଲା ତାହା ବର୍ଣ୍ଣନା କରିଥିଲେ। ଏହା ସ୍ୱାଧୀନ ସଂଗ୍ରାମୀଙ୍କ ମୋଘ ଅସ୍ତ୍ର ଥିଲା ବୋଲି ଭାଜପା ଜିଲା ମୁଖପାତ୍ର ଗଙ୍ଗାଧର ଦାଶ ପ୍ରକାଶ କରିଥିଲେ। ଜିଲା ଉପାଧ୍ୟକ୍ଷ ଦିଲ୍ଲୀପ ଦାଶ ମଞ୍ଚ ପରିଚାଳନା ଏବଂ କାର୍ଯ୍ୟକ୍ରମ ସଂଯୋଜକ ପରେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଭାଜପାର ବହୁ ବରିଷ୍ଠ ନେତା, କାର୍ଯ୍ୟକର୍ତ୍ତା, ଜିଲା, ମଣ୍ଡଳ, ବୁଥ୍‌ସ୍ତରୀୟ କର୍ମୀ, ସାଧାରଣ ଜନତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# ବାଲିଯାତ୍ରାରେ ଗୃହସ୍ଥୀ ମସଲା ଷ୍ଟଲ

**ରାଉରକେଲା,୭।୧୧(ଦିନେଶ ମିଶ୍ର)**

କଟକର ଐତିହାସିକ ବାଲିଯାତ୍ରାରେ ରାଉରକେଲାର ଗୃହସ୍ଥୀ ଉଦ୍ୟୋଗ ପକ୍ଷରୁ ମସଲା ଷ୍ଟଲ ପ୍ରଦର୍ଶିତ ହୋଇଛି। ବାଲିଯାତ୍ରା ପଡିଆରେ ଗୃହସ୍ଥୀର ଷ୍ଟଲ ନମ୍ବର ଜି-୨୧ ଓ ଜି-୨୭ରେ ବିଭିନ୍ନ ମସଲା ଓ ଖାଦ୍ୟ ପ୍ରସ୍ତୁତି ସାମଗ୍ରୀ ପାଖରେ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳୁଛି। ଖାଦ୍ୟ ସାମଗ୍ରୀର ଗୁଣବତ୍ତା ଓ କ୍ୱାଲିଟି ପାଇଁ ଏହା ଗ୍ରାହକଙ୍କ ପସନ୍ଦ ହୋଇଥିବାବେଳେ ଅଫର ମଧ୍ୟ ପ୍ରଦାନ କରାଯାଉଛି ବୋଲି ସିଇଓ ଅମିତ ଅଗ୍ରୱାଲ ସୂଚନା ପ୍ରଦାନ କରିଛନ୍ତି।



ବାଲିଯାତ୍ରାରେ ପଡିଥିବା ଗୃହସ୍ଥୀ ମସଲା ଷ୍ଟଲ।

# ମିଶନ କମ୍ପାଉଣ୍ଡ ପାଚେରି ଭାଙ୍ଗିଲେ ଆନ୍ଦୋଳନକାରୀ

ସମ୍ବଲପୁର,୭।୧୧(ପ୍ରମୋଦ ବହିଦାର)



ମିଶନ କମ୍ପାଉଣ୍ଡ ପାଚେରି ଭାଙ୍ଗୁଛନ୍ତି ଆଦିବାସୀ ଦଳିତ ସେନାର ଆନ୍ଦୋଳନକାରୀ।

**ମିଶନ କମ୍ପାଉଣ୍ଡରୁ ବିର୍ସାମୁଣ୍ଡା ମୂର୍ତ୍ତି ଚୋରି ଘଟଣା**

ଗତ କିଛିଦିନ ତଳେ ମିଶନ କମ୍ପାଉଣ୍ଡରୁ ଏକ ମୂର୍ତ୍ତି ଚୋରି ଘଟଣାର ପ୍ରତିବାଦରେ ଶୁକ୍ରବାର କମ୍ପାଉଣ୍ଡର ପାଚେରୀକୁ ଭାଙ୍ଗି ଦେଇଛନ୍ତି ଆନ୍ଦୋଳନକାରୀ। ଆଦିବାସୀ ଦଳିତ ସେନାର ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଆନ୍ଦୋଳନକାରୀ ଲକ୍ଷ୍ମୀ ଟକିଜ ଛକରେ ଏକତ୍ରିତ ହୋଇ ଉକ୍ତ କମ୍ପାଉଣ୍ଡର ପାଚେରୀକୁ ଭାଙ୍ଗି ଦେଇଛନ୍ତି। ଏହାସହିତ ମୂର୍ତ୍ତି ଚୋରି ଘଟଣାରେ ଯେଉଁମାନଙ୍କ ସମ୍ପୃକ୍ତି ରହିଛି ତାଙ୍କୁ ଗିରଫ କରି ଯଥାଶୀଘ୍ର ଚୋରି ମୂର୍ତ୍ତିକୁ ଅକ୍ଷତ ଉଦ୍ଧାର କରାଯାଉ ତଥା ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ମିଶନ କମ୍ପାଉଣ୍ଡ ପାଚେରୀ ଭାଙ୍ଗି ସାରି ଲକ୍ଷ୍ମୀଟକିଜ ଛକରୁ ଏକ ବିଶାଳ ପଟୁଆରରେ ବାହାରି ଆନ୍ଦୋଳନକାରୀ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ଆରକ୍ଷୀ ଅଧିକ୍ଷକ(ଏସ୍‌ପି)ଙ୍କ ଉଦ୍ଦେଶ୍ୟରେ ୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ଦାବିପତ୍ର ଗ୍ରହଣ କରିଥିଲେ। ତେବେ ଆନ୍ଦୋଳନକାରୀଙ୍କ ଅଭିଯୋଗର ତର୍ଜମା କରି ଅବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଏସ୍‌ପି ମିଶ୍ର। ଅପରପକ୍ଷରେ ଆନ୍ଦୋଳକାରୀଙ୍କୁ ପ୍ରତିନିଧିତ୍ୱ କରୁଥିବା ସମ୍ବଲପୁର ଆଦିବାସୀ ଦଳତ ସେନାର ସମ୍ପାଦିକା ସବିତା ପାତ୍ର କହିଛନ୍ତି ଯେ, ନଭେମ୍ବର ୧୫ ତାରିଖରେ ଉଦଘାଟନ ପାଇଁ ମିଶନ କମ୍ପାଉଣ୍ଡରେ ରଖାଯାଇଥିବା

**ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦେଲେ ଦାବିପତ୍ର**

ସ୍ୱାଧୀନତା ସଂଗ୍ରାମୀ ବୀର ବିସ୍ରାମୁଣ୍ଡାଙ୍କ ମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭଙ୍ଗା ଚୋରି କରି ନେଇଯାଇଛନ୍ତି। ଯାହା ସମଗ୍ର ଆଦିବାସୀ ସମାଜ ଓ ବୀର ବିର୍ସାଙ୍କ ପ୍ରତି ଘୋର ଅପମାନ। ଅକ୍ଟୋବର ୨୬ ତାରିଖରେ ମୂର୍ତ୍ତି ଚୋରି ଘଟଣା ପରେ ୨୮ ତାରିଖରେ ଏତଲା ଦିଆଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଦୁର୍ଭାଗ୍ୟ ଜନକ ବୋଲି ସେ କହିଛନ୍ତି। ଏହାର ପ୍ରତିବାଦରେ ଆଦିବାସୀ ଦଳିତ ସେନା ପକ୍ଷରୁ ଶୁକ୍ରବାର ସମ୍ବଲପୁର ବନ୍ଦ ଡାକରା ପାଇଁ ପୋଲିସ ଅନୁମତି ନ ଦେବାରୁ ତାହା ସ୍ଥଗିତ ରଖାଯାଇଛି। ତେବେ ଏହି ଘଟଣାରେ ସେମାନଙ୍କୁ ପୋଲିସ ଆଦୌ ସହଯୋଗ କରୁ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ପୋଲିସ ସହଯୋଗ ନ କଲେ ଆଗକୁ ଆଦିବାସୀ ଦଳିତ ସେନା ଅଦାଲତର ଦ୍ୱାରସ୍ଥ ହେବ ବୋଲି ସମ୍ପାଦିକ ପାତ୍ର କହିଛନ୍ତି।

# ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ



ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତିର ଜିଲାସ୍ତରୀୟ ଉତ୍ସବରେ ଅତିଥି ଏବଂ ଛାତ୍ରୀଛାତ୍ର।

ସମ୍ବଲପୁର,୭।୧୧(ଭବାନୀ ଶଙ୍କର ଭୋଇ)

ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ଜିଲାସ୍ତରୀୟ ଉତ୍ସବ ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲଠାରେ ଆୟୋଜିତ ହୋଇଥିଲା। ଉତ୍ସବରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲାପାଳ ରାଜସ୍ୱ ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲାପାଳ ସାଧାରଣ ଅଶୋକ କୁମାର ଭୋଇ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷତ୍ରି ପ୍ରମୁଖଙ୍କ ସମେତ ସହରର ମାନ୍ୟଗଣ ବ୍ୟକ୍ତି, ସରକାରୀ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ନୂଆଦିଲ୍ଲୀରୁ ପ୍ରସାରିତ ଆଭାସୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଐତିହାସିକ ଦିବସ ଅବସରରେ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମର ସମୂହ ଗାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲାପାଳ ବୋନ୍ଦର ସମାରୋହରେ ଯୋଗଦେଇ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ ହେଉଛି ପ୍ରତ୍ୟେକ ସ୍ୱାଧୀନତା ସଂଗ୍ରାମୀ ଏବଂ ଭାରତୀୟଙ୍କ ଅତୁଟ ସଂକଳ୍ପ, ହୃଦୟର ସ୍ପନ୍ଦନ ବୋଲି ମତବ୍ୟକ୍ତ କରିଥିଲେ। ୧୦୦ ବର୍ଷ ପରେ ବି ଦେଶର ଏକତା ଏବଂ ଅଖଣ୍ଡତାକୁ ବନ୍ଦେମାତରମ ଗୀତ ପ୍ରତିପାଦିତ କରିପାରିଥିବା ଅତିଥି ମାନେ କହିଥିଲେ ।

# ହକି ଦେଶପ୍ରେମ, ଶୃଙ୍ଖଳା, ଏକତାର ପ୍ରତୀକ

ସମ୍ବଲପୁର,୭।୧୧(ବି.ଶଙ୍କର)

ଭାରତୀୟ ହକିର ସ୍ୱର୍ଣ୍ଣ ଶତବାର୍ଷିକୀ ଓ ବନ୍ଦେ ମାତରମ୍ ଗୀତର ୧୫୦ତମ ବାର୍ଷିକୀ ଅବସରରେ ସମ୍ବଲପୁର ଗୋଶାଳା ସ୍ଥିତ ସିଆପିଏଫ ଗ୍ରୁଫ ସେଣ୍ଟରଠାରେ ଶୁକ୍ରବାର ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରପିଏଫ କମାଣ୍ଡାଣ୍ଟ ରାମ ଫୁଲ ମୀନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ହକି କେବଳ ଏକ ଖେଳ ନୁହେଁ, ବରଂ ଦେଶପ୍ରେମ, ଶୃଙ୍ଖଳା ଏବଂ ଏକତାର ପ୍ରତୀକ ବୋଲି କହିଥିଲେ। ମେଜର ଧ୍ୟାନ ଚାନ୍ଦଙ୍କ ଭଳି ମହାନ ଖେଳାଳିମାନେ ସେମାନଙ୍କର ସମର୍ପଣ ଏବଂ କଠିନ ପରିଶ୍ରମ ମାଧ୍ୟମରେ ବିଶ୍ୱ ସ୍ତରରେ ଭାରତକୁ ଗୌରବ ଆଣିଥିଲେ। ଆମକୁ ସେମାନଙ୍କ ଆଦର୍ଶକୁ ଗ୍ରହଣ କରିବାକୁ ପଡିବ ଏବଂ ଭାରତୀୟ ହକିକୁ ବିଶ୍ୱର ଶୀର୍ଷରେ ଫେରାଇ

**ସିଆରପିଏଫ୍ ଗ୍ରୁପ୍ ସେଣ୍ଟରରେ ବିବିଧ କାର୍ଯ୍ୟକ୍ରମ**

ଆଣିବା ପାଇଁ ସଂକଳ୍ପ ନେବାକୁ ପଡିବ। ସେହିପରି ବନ୍ଦେ ମାତରମ୍ ଗୀତର ୧୫୦ତମ ବାର୍ଷିକୀ ପାଳନ ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ବନ୍ଦେ ମାତରମ କେବଳ ଏକ ଗୀତ ନୁହେଁ,ଏହା ଜାତୀୟ ଚେତନା, ତ୍ୟାଗ ଏବଂ ସାହସିକତାର ପ୍ରତୀକ। ସ୍ୱାଧିନତା ସଂଗ୍ରାମ ସମୟରେ ଏହି ଗୀତ ଭାରତୀୟଙ୍କ ହୃଦୟରେ ଦେଶପ୍ରେମର ଜ୍ୱାଳା ପରି ପ୍ରତିଧ୍ୱନିତ ହୋଇଥିଲା ବୋଲି କମାଣ୍ଡାଣ୍ଟ ମୀନା ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରୁପ ସେଣ୍ଟରରେ ଅଧିକାରୀ ଏବଂ ସୈନିକମାନେ ମିଳିତ ଭାବରେ ବନ୍ଦେ ମାତରମ୍ ଗୀତ ଗାନ କରିଥିଲେ। ଏଥିସହ ପୁରୁଷ ଏବଂ ମହିଳା ମଧ୍ୟରେ ଏକ ହକି ମ୍ୟାଚ ହୋଇଥିଲା ।



ସମ୍ବଲପୁର ଗୋଶାଳା ସ୍ଥିତ ସିଆରପିଏଫ ଗ୍ରୁଫ ସେଣ୍ଟରଠାରେ ଶୁକ୍ରବାର ଆୟୋଜିତ ହକି ମ୍ୟାଚର ଏକ ଦୃଶ୍ୟ।

# ବୁଢ଼ାରଜା ହାଇସ୍କୁଲରେ ବାଲ ବୈଜ୍ଞାନିକ ପ୍ରଦର୍ଶନୀ



ଶୁକ୍ରବାର ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବିଜ୍ଞାନ ମେଳା ରେ ଅତିଥି ଓ କୃତୀ ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୭।୧୧(ବି.ଶଙ୍କର)

ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ଅଧକ୍ଷତାରେ ବିଜ୍ଞାନ ମେଳାର ଉଦ୍‌ଘାଟନୀ ସମାରୋହ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ୫୫ଟି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଓଁକାର ଆଶିଷ ମଣ୍ଡଳ, ଚନ୍ଦ୍ରଶେଖର ବେହେରା, ଜିଲା ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ସୌରେନ୍ କୁମାର ପ୍ରଧାନ, ଗରମୁଣ୍ଡା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ଦାଶ, ଲପଙ୍ଗା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ ପାଢ଼ଯୋଶୀ, ବୁଢ଼ାରଜା ହାଇସ୍କୁଲର ୨ଜଣ ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାଢ଼ଯୋଶୀ ଏବଂ ସୌଭାଗିନୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଉଦ୍‌ଯାପନୀ ସମାରୋହରେ ବୁର୍ଲା ଭିମସାର ସହକାରୀ ପ୍ରଫେସର ଡାକ୍ତର ସଞ୍ଜୀବ କୁମାର ମିଶ୍ର ମୁଖ୍ୟ ଅତିଥି, ଧନକଉଡ଼ା ବିଇଓ କରନ୍ ଶର୍ମା ଏବଂ ଡିଏସଏସ ପାର୍ଥ ସାରଥୀ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ବର୍ଗରେ ତନ୍ମୟ ଦାଶ, ଆଶିଷ ବାବୁ, ଆକାଂକ୍ଷା ଦାଶ ଏବଂ କନିଷ୍ଠ ବର୍ଗରେ ଚିନ୍ମୟୀ ସାହୁ, ପ୍ରତୀକ ବାଗ ଏବଂ କୁନୁ ସେନାପତି କୃତକାର୍ଯ୍ୟ ହୋଇଥିଲେ। ସେହିପରି ସେମିନାର ବରିଷ୍ଠ ବର୍ଗରେ ତୁଳସୀ ସୁଆର, ଆରୋହୀ ପଣ୍ଡିତ, ସରସ୍ୱତୀ ରୋହିଦାସ ଏବଂ କନିଷ୍ଠ ବର୍ଗରେ ସୋମନାଥ ସାହାଣୀ, ଅମିତ ମାଝୀ, ଆରତୀ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ପାଇଥିଲେ। ବିଜ୍ଞାନ ଶିକ୍ଷକ ତନୟ କୁମାର ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ, ଅପର୍ଣ୍ଣା ପଣ୍ଡା, ଅନୁବିନ୍ଦା ଦାଶ, ଗାୟତ୍ରୀ ଭୋଇ, ସୁଷମା ଖଡିଆ, ପଙ୍କଜିନୀ ନାୟକ, ସୁଧାମୟୀ ପ୍ରଧାନ, ଦେବଶ୍ରୀ ଦେହୁରୀ, ପୁଷ୍ପାଞ୍ଜଳି ମିଶ୍ର, ମଦନ ମୋହନ ମାଝୀ, ଦୀପ୍ତି ରାଣୀ ପଣ୍ଡା, ଭୋଳାନାଥ ବିଶୋଇ ଏବଂ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

**୫୫ଟି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ**

# ଶିଶୁ ପ୍ରତିଭାର ପ୍ରଦର୍ଶନ ସୁଯୋଗ ଜରୁରୀ

ସମ୍ବଲପୁର,୭।୧୧(ଭବାନୀ ଶଙ୍କର ଭୋଇ)

ସମନ୍ୱିତ ଶିଶୁବିକାଶ ଯୋଜନା ଆନୁକୂଲ୍ୟରେ ଶୁକ୍ରବାର ଯୁଯୋମୁରାଠାରେ ବ୍ଲକ ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିକାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଯୁଯୋମୁରା ସିଡିପିଓ ମିନତି ଦାସଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଯୁଯୋମୁରା ବ୍ଲକର ଅଠରଟି ଯାକ ପଞ୍ଚାୟତରୁ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ସେମାନଙ୍କୁ କିଶୋରୀ ସମୟରେ ସ୍ୱାସ୍ଥ୍ୟର ଯତ୍ନ, ଖାଦ୍ୟ ପେୟ, ପରିଷ୍କାର ପରିଚ୍ଛନ୍ନତା, ଏନିମିଆ ସହ ଆତ୍ମ ସୁରକ୍ଷା ଉପରେ ସଚେତନ କରାଇଥିଲେ। ମୁଖ୍ୟ ଅତିଥି କହିଥିଲେ ଯେ, ପ୍ରତି ଶିଶୁ ମଧ୍ୟରେ ରହିଥିବା ପ୍ରତିଭାର ପ୍ରଦର୍ଶନ ପାଇଁ ସୁଯୋଗ ମିଳିବା ଜରୁରୀ। ଏହି ଅବସରରେ ଶିଶୁଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟ ପ୍ରତିଯୋଗିତା, ଖାଦ୍ୟ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ଶେଷରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁପରଭାଇଜର ରେଣୁବାଳା ପ୍ରଧାନ ଓ ସୁଷମା କୁମରା ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ଜିଲାସ୍ତରୀୟ ଉତ୍ସବ

ସମ୍ବଲପୁର,୭।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ସମବାୟ ସମିତି ଉପନିବନ୍ଧକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ଜିଲାସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସମବାୟ ସମିତି ଉପନିବନ୍ଧକଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉତ୍ସବରେ ସମ୍ବଲପୁର ସମବାୟ ସମିତିର ସମୀକ୍ଷା, କମନ ସର୍ଭିସ ସେଣ୍ଟର(ସିଏସସି) ଓ ଜାତୀୟସ୍ତରୀୟ ପ୍ୟାକ୍ସ ସଫ୍ଟୱେର(ଏନ୍‌ଏଲ୍‌ପିଏସ୍) ଉପରେ ଏକ କର୍ମଶାଳା ଆୟୋଜନ ହୋଇଥିଲା। ଏହି ଅବସରରେ 'କୋଅପୋରେଟିଭ ବିଲ୍ଡ ଏ ବେଟର୍ ୱାର୍ଲ୍ଡ' ଶୀର୍ଷକ ଆଲୋଚନା ହୋଇଥିଲା। ଏଥିରେ ଯୋଗ ଦେଇଥିବା ଅତିଥିମାନେ ସମବାୟ ସମିତିର ଗୁରୁତ୍ୱ ଓ ସମବାୟ ସମିତିମାନଙ୍କ ସଫଳତା ଉପରେ ଆଲୋଚନା କରିଥିଲେ। ସହାକାରୀ ଅଡିଟର ଜେନେରାଲ ସମବାୟ ସମିତି(ଏଏସିଜିଏସ୍) ସମ୍ବଲପୁର ଶାଖା ପକ୍ଷରୁ ସମବାୟ ସମିତି ଗୁଡ଼ିକର ଅଡିଟ ସମ୍ବନ୍ଧୀୟ ପ୍ରସ୍ତୁତି ଓ ଆଇଟି ସଲୁସନ୍ସ ପକ୍ଷରୁ ଜାତୀୟ ସ୍ତରର ପ୍ୟାକ୍ସ ସଫ୍ଟୱେୟାର ସମ୍ପର୍କିତ ତଥ୍ୟ ଉପସ୍ଥାପିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ବଲପୁର ସମବାୟ ସମିତି ଜିଲା ଉପନିବନ୍ଧକ (ଡିଆର୍‌ସିଏସ୍) ଲକ୍ଷ୍ମୀଧର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସମ୍ବଲପୁର ନିବନ୍ଧକ ସମବାୟ ସମିତ ଉପନିବନ୍ଧକ(ଏଆର୍‌ସିଏସ୍) ମଧୁସୂଦନ ମେହେର ଧନ୍ୟବାଦ ଦେଇଥିଲେ। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ପ୍ୟାକ୍ସ, ଲ୍ୟାମ୍ପ୍ସ ଆଦି ସମବାୟ ସମିତିର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ରାଜ୍ୟରେ ୮୦ ପ୍ରତିଶତ ଲୋକ ଜଙ୍ଗଲ ଉପରେ ନିର୍ଭରଶୀଳ

ସମ୍ବଲପୁର,୭।୧୧(ଭବାନୀ ଶଙ୍କର ଭୋଇ)




ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ବାର୍ଷିକ ବୈଠକରେ ଉପସ୍ଥିତ ଅତିଥି।

ସମ୍ବଲପୁର ଓ ବାମରା ବନ୍ୟପ୍ରାଣୀ ବନଖଣ୍ଡର ମିଳିତ ଆନୁକୁଲ୍ୟରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ -୨ ର ବାର୍ଷିକ ଯୁଗ୍ମ ସମୀକ୍ଷା ବୈଠକ ଶୁକ୍ରବାର ସମ୍ବଲପୁର ବୁଢାରଜା ସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆଞ୍ଚଳିକ ମୁଖ୍ୟବନ ସଂରକ୍ଷକ ଟି ଅଶୋକ କୁମାର,ସମ୍ବଲପୁର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ,ବାମରା ବନ୍ୟପ୍ରାଣୀ ବନଖଣ୍ଡ ବିକ୍ରମଦେବ ପଟ୍ଟନାୟକ, ଗ୍ରାମ ବିକାଶ ସଂଗଠନର ଅଧ୍ୟକ୍ଷ ଈଶ୍ୱର ସାବତ, ଜୀବିକା ବିଶେଷଜ୍ଞ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଭୁବନେଶ୍ୱର ବିଶ୍ୱଜିତ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବନଖଣ୍ଡର ୧୦ଟି ପରିବେଶ ବିକାଶ ସମିତି, ସତଭାୟା ପ୍ରକଳ୍ପ ବିଷୟରେ କହିଥିଲେ । ସମ୍ବଲପୁର ବନଖଣ୍ଡର ସହକାରୀ ବନ ସଂରକ୍ଷକ ରାଜର୍ଷୀ ତିର୍କୀ ସମ୍ବଲପୁର ବନଖଣ୍ଡ ଅନ୍ତର୍ଗତ ୪ ଟି ବନାଞ୍ଚଳର ଶହେଟି ବନସୁରକ୍ଷା ସମିତିରେ ହେଉଥିବା ବୃକ୍ଷରୋପଣ, ଜଙ୍ଗଲ ସୁରକ୍ଷା ଆଦି ବିବରଣୀ ଉପସ୍ଥାପନ କରିଥିଲେ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଜୀବିକା ବିଶେଷଜ୍ଞ ବିଶ୍ୱଜିତ ସାହୁ ଯୋଗଦେଇ କହିଥିଲେ ଯେ, ଜୀବନ ଜୀବିକା ଅଭିବୃଦ୍ଧି ଓ ଉଜୁଡା ଜଙ୍ଗଲର ପୁନଃ ଉଦ୍ଧାର କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ଗ୍ରାମ ସଂଗଠନର ଅଧ୍ୟକ୍ଷ ସାବତ ୨୦୦୭ ରୁ ୭ଟି

**ବନାଞ୍ଚଳ ଉନ୍ନୟନ ସମୀକ୍ଷା ବୈଠକ**

ଡିଭିଜନରେ ମହୁଲରୁ ଖାଦ୍ୟ ପଦାର୍ଥ ଆଦି ବିଷୟରେ ନିଜ ବକ୍ତବ୍ୟରେ ରଖିଥିଲେ। ଆଞ୍ଚଳିକ ମୁଖ୍ୟ ସଂରକ୍ଷକ ଟି.ଅଶୋକ କୁମାର ଓଡ଼ିଶା ରାଜ୍ୟରେ ଶତକଡା ୮୦ ପ୍ରତିଶତ ଲୋକ ଜଙ୍ଗଲ ଉପରେ ନିର୍ଭରଶୀଳ ବୋଲି କହିଥିଲେ। ସମ୍ବଲପୁର ଜିଲାପାଳ କହିଥିଲେ ଯେ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଲକ୍ଷ୍ୟ ସମ୍ବଲପୁରକୁ ସବୁଜ ସୁନ୍ଦର କରିବା। ଜିଲାପାଳ ବାମରା ବନ୍ୟପ୍ରାଣୀ ବନଖଣ୍ଡ ଏକ ପୁସ୍ତକ ସହିତ ସମ୍ବଲପୁର ବନଖଣ୍ଡ ଓ ବାମରା ବନ୍ୟପ୍ରାଣୀ ବନଖଣ୍ଡର ଭିଡିଓ ଉନ୍ମୋଚନ କରିଥିଲେ। ପଡିଆବାହାଲ ବନାଞ୍ଚଳର ଜ୍ୟୋତ୍ସ୍ନା ମଞ୍ଜରୀ ପ୍ରଧାନ, ମାନ୍ଧାତା ଲୁହା, ସଦର ବନାଞ୍ଚଳର ସାଲେସିଂ ବନ ସୁରକ୍ଷା ସମିତିର ଭାଗିରଥି ବଡ଼େଇ, ଜ୍ୟୋତି ସେଠ, ଧମା ବନାଞ୍ଚଳର ଆମକୁନି ବନସୁରକ୍ଷା ସମିତିର ହିମାଦ୍ରୀ ଝାଙ୍କର, ମମତା ପାଢି ରେଙ୍ଗାଲି ବନାଞ୍ଚଳର ଅମ୍ରିତ କୁମାର ସାହୁ,ବନିତା ମୁଣ୍ଡା, ବିରଞ୍ଚି ଯାଦବ,ପଡିଆ ବାହାଲ ବନାଞ୍ଚଳର ସନ୍ତୋଷ ଧରୁଆ ପ୍ରମୁଖ ଅଭିଜ୍ଞତା ବିଷୟରେ କହିଥିଲେ। ଆଦର୍ଶ ଅନୁଷ୍ଠାନର ମୁଖ୍ୟ ପ୍ରଦୀପ ବେହେରା,ମିଶନ ଶକ୍ତିର ଜିଲା ପରିଚାଳିକା ଭାରତୀ ବେଶ୍ରା, ଗ୍ରାମୀଣ ତାଲିମ ପ୍ରତିଷ୍ଠାନର ଝସକେତନ ସେଠ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡାକ୍ତର ରାଜେନ୍ଦ୍ର ତ୍ରିପାଠୀ, ଉଦ୍ୟାନ ବିଭାଗର ତନ୍ମୟୀ ଶାସିନୀ,ଓଡ଼ିଶା ଜୀବିକା ମିଶନ ପରିଚାଳକ ସଞ୍ଜୟ ମହାପାତ୍ର, ଜିଲା ପରିଷଦର ପ୍ରକଳ୍ପ ପରିଚାଳକ କିଶୋର ସାହୁ ପ୍ରମୁଖ ନିଜ ବିଭାଗ ମାଧ୍ୟମରେ ସଂଯୋଗୀକରଣ ବିଷୟରେ କହିଥିଲେ। ଏହି ସମୀକ୍ଷା ବୈଠକରେ ସଦର ବନାଞ୍ଚଳର କ୍ଷେତ୍ର ସଂଯୋଜକ ଉମାକାନ୍ତ ପୋଢ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ବଲପୁର ବନଖଣ୍ଡର ସହକାରୀ ବନ ସଂରକ୍ଷକ ନରେନ୍ଦ୍ର କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ୱାଇବିଏ ଚାମ୍ପିୟନ, ଦେବଗଡ଼ ରନର୍ସଅପ

ସମ୍ବଲପୁର,୭।୧୧(ବି.ଶଙ୍କର)

ସମ୍ବଲପୁର ୟଙ୍ଗ ବଏଜ ଆସୋସିଏଶନ ପକ୍ଷରୁ ତୃତୀୟ ଶହୀଦ କୁଞ୍ଜଲ ସିଂ ସ୍ମାରକୀ ପଶ୍ଚିମ ଓଡ଼ିଶା ସ୍ତରୀୟ ବାଳିକା କବାଡି ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ରାତି ୯ଟାରେ ସମ୍ପନ୍ନ ହୋଇଛି। ସମ୍ବଲପୁର ବାଲିବନ୍ଧା ନିକଟସ୍ଥ ବ୍ରଜମୋହନ ପାର୍କଠାରେ ପଡିଆରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ୭ଟି କବାଡି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଆୟୋଜକ ୟଙ୍ଗ ବଏଜ ଆସୋସିଏଶନ ବନାମ ଦେବଗଡ଼ ମଧ୍ୟରେ ହୋଇଥିଲା। ଏଥିରେ ୩୩-୧୮ପଏଣ୍ଟରେ ୟଙ୍ଗ ବଏଜ ଆସୋସିଏଶନ(ୱାଇବିଏ) ବାଳିକା ଦଳ ବିଜୟୀ ହୋଇଥିଲା। ଚଳିତବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛି। ସେହିପରି ଦେବଗଡ଼ ବାଳିକା ଦଳ ରନର୍ସଅପ ଟ୍ରଫି ପାଇଛି। ଅନୁଷ୍ଠାନର ସଭାପତି ପ୍ରେମରଞ୍ଜନ ପ୍ରଧାନ ସଭାପତିତ୍ୱରେ ଉଦଯାପନୀ ଉତ୍ସବ ହୋଇଥିଲା। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଦେବଗଡ ଜିଲାର ଲକିତା ସାବନ ଶ୍ରେଷ୍ଠ ରାଇଡର, ସୁପ୍ରିୟା ପାଣ୍ଡେ ଶ୍ରେଷ୍ଠ କ୍ୟାଚର, ଶ୍ରାବଣୀ ମହାକୁର ଫେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ ହୋଇଥିଲେ। ରେଫରୀ ଜଗବନ୍ଧୁ ବେହେରା, ରାଜେଶ ସେଠ, ରାମଦାସ ପଣ୍ଡା, ଭଜନ ତରିଆ, ଉମାପତି ତ୍ରିପାଠୀ, ଦିଲୀପ ସାହୁ, ପ୍ରଶାନ୍ତ ସେଠ, ଗୀତା କଂସାରୀ ଓ କାର୍ତ୍ତିକ ବାରିକ ଖେଳ ପରିଚାଳନା କରିଥିଲେ । ସମ୍ପାଦକ ଶୁଭ୍ରାଂଶୁ ଶେଖର ପଣ୍ଡା ସୂଚନା ପ୍ରଦାନ କରିଥିବା ବେଳେ ଉପସଭାପତି ହରିବଂଶ ସେଠ୍, ଉପଦେଷ୍ଟା ବିଜୟ ଶଙ୍କର ସ୍ୱାଇଁ, କାର୍ଯ୍ୟକାରୀ କମିଟି ସଭ୍ୟ ଅଶ୍ୱିନୀ ମହାପାତ୍ର, ପ୍ରୟାସ ତନସନା, ଶ୍ରୀକାନ୍ତ ବାରିକ, ବିଶ୍ୱଜିତ ପଟ୍ଟାନାୟକ ପ୍ରମୁଖ ଅତିଥି ସ୍ୱାଗତ କରିବା ସହ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ସକାଳ ୮ଟାରେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା। ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜାତୀୟ କବାଡି ଖେଳାଳି ପ୍ରିୟଙ୍କା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ପଶ୍ଚିମ ଓଡ଼ିଶା ସ୍ତରୀୟ ବାଳିକା କବାଡି ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ଦଳର ଖେଳାଳି ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

**ସହୀଦ କୁଞ୍ଜଲ ସିଂ ସ୍ମାରକୀ ପଶ୍ଚିମ ଓଡ଼ିଶାସ୍ତରୀୟ ବାଳିକା କବାଡି ଟୁର୍ଣ୍ଣାମେଣ୍ଟ**

